## ସଂକ୍ଷେପରେ

### ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ଆଳି, ୧୭।୫ (ଡି.ଏନ୍.ଏ.): ଆଳି ଧୋୟାଅଞ୍ଚଳର କେତୁଆପାଳ-ଏରଡଙ୍ଗ ମୁଖ୍ୟରାସ୍ତାରେ ଥିବା ଏକ କଲଭର୍ଟର କିଛି ଦୂରରୁ ଜନୈକା ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶୁକ୍ରବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି। ଶନିବାର ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୁବତୀଙ୍କ ପରିଚୟ ମିଳିପାରି ନାହିଁ। ଶୁକ୍ରବାର ଅପରାହ୍ନରେ ଉକ୍ତ କଲଭର୍ଟଠାରୁ କିଛି ଦୂରରେ ଯୁବତୀଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହାର କିଛି ସମୟ ମଧ୍ୟରେ ଉକ୍ତ ସ୍ଥାନରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ଆଳି ଥାନା ଏସଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ଏଏସ୍ଆଇ ପ୍ରମୋଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କ ମୃତଦେହ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଯୁବତୀଙ୍କ ଶରୀର ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବାରୁ ତାଙ୍କୁ ଚିହ୍ନି ହେଉନାହିଁ। ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଯୁବତୀଙ୍କୁ ଉକ୍ତ ସ୍ଥାନକୁ ଆଣି ନୃଶଂସ ଭାବେ ଜାଳି ଦେଇଥିବା ଅନୁମାନ କରାଯାଉଛି।

### ନୃସିଂହଙ୍କ ଜନ୍ମୋତ୍ସବ



ଡେରାବିଶ, ୧୭।୫ (ସ୍ୱ.ପ୍ର.): ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ଅବସରରେ ନୃସିଂହ ଜୟନ୍ତୀ ଶୁକ୍ରବାର ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ଓ ଚାଟରା ଶାସନସ୍ଥିତ ନୃସିଂହ ମନ୍ଦିରରେ ପାଳିତ ହୋଇଯାଇଛି। ଏ ନେଇ ପ୍ରାତଃରୁ ମଙ୍ଗଳ ଆଳତି ପରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶତାଧିକ ଶ୍ରଧାଳୁଙ୍କ ଭିଡ ଜମିଥିଲା। ଏହ ଅବସରରେ ମନ୍ଦିର ବେଢ଼ାରେ ହୋମ ଯଜ୍ଞ, ଭଜନ କୀର୍ତ୍ତନ, ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଆଳତି ଦର୍ଶନ ମନ୍ଦିର ବେଢ଼ାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

### ବାତ୍ୟା ପ୍ରପୀଡ଼ିତଙ୍କୁ ସାମାଜିକ କର୍ମୀଙ୍କ ସହାୟତା

ଡେରାବିଶ, ୧୭।୫ (ସ୍ୱ.ପ୍ର.): ବାତ୍ୟା ଫନୀ ପ୍ରଭାବରେ ଡେରାବିଶ ବ୍ଲକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ତେବେ ବିଭିନ୍ନ ପଞ୍ଚାୟତରେ କ୍ଷତିଗ୍ରସ୍ତ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି ସାମାଜିକ କର୍ମୀ ଅଧାପକ ଅଜୟ କୁମାର ରାଉତ। ଶୁକ୍ରବାର ରଘୁଦେଇପୁର ପଞ୍ଚାୟତ ଅଧୀନ ରାଜନଗର ଗ୍ରାମର ଅକ୍ଷୟ କୁମାର ମଲ୍ଲିକଙ୍କୁ ଅଧାପକ ରାଉତ ପଲିଥିନ୍ ପ୍ରଦାନ କରିଛନ୍ତି। ସେହିପରି ବାତ୍ୟାରେ ଘର ଭାଙ୍ଗି ଯିବା ଯୋଗୁ ପାଇଖାନା ଘରେ ଆଶ୍ରୟ ନେଇଥିବା ରଘୁଦେଇପୁରର କ୍ଷିରୋଦ ଜେନାଙ୍କୁ ଅଧାପକ ରାଉତ ଭେଟିବା ସହ ଆର୍ଥିକ ସହାୟତା ସହ ପାଲ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିବା ଜଣାପଡ଼ିଛି। ଏଥିସହିତ ଗୁଆଲସିଂ, କୁଶିଆପାଳ, ମଙ୍ଗଳପୁର, ନହଙ୍ଗ, ଇନ୍ଦାଳୋ, ହରିଅଙ୍କ ପ୍ରଭୃତି ପଞ୍ଚାୟତରେ ଅଧାପକ ରାଉତ ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି।

## ଯୁକ୍ତ ୩ ଫଳ ପ୍ରକାଶିତ, ପାସ୍ ହାର ୯୪.୫୮ ପ୍ରତିଶତ

# ତନୁଜା, ଅଙ୍କିତା ଓ ପୁଷ୍ପାଞ୍ଜଳି ଟପ୍ପର

କେନ୍ଦ୍ରାପଡା ଅଫିସ, ୧୭।୫

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥର ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଭଲ ନମ୍ବର ରଖିଛନ୍ତି। ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ୩ ଜଣ ଛାତ୍ରୀ ଟପ୍ପର ହୋଇଛନ୍ତି। ସେହିପରି ୨୧ଟି ସବଜେକ୍ଟ ମଧ୍ୟରୁ ୧୪ଟିରେ ଛାତ୍ରୀମାନେ ସର୍ବୋଚ୍ଚ ନମ୍ବର ରଖିଛନ୍ତି। କଳା ବିଭାଗରେ ଏଜୁକେସନ ଅନର୍ସ ଛାତ୍ରୀ ଅଙ୍କିତା ନାୟକ ସର୍ବୋଚ୍ଚ ୮୩.୩ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ପୁଷ୍ପାଞ୍ଜଳି ବିଶ୍ୱାଳ ୮୦ ପ୍ରତିଶତ ଓ ବିଜ୍ଞାନରେ କେମିଷ୍ଟ୍ରି ଅନର୍ସ ଛାତ୍ରୀ ତନୁଜା ପ୍ରିୟଦର୍ଶନୀ ଦାଶ ୮୯.୬୫ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ତନୁଜାଙ୍କ ନମ୍ବର ସର୍ବୋଚ୍ଚ ଥିବାରୁ ସେ କଲେଜ ଟପ୍ପର ହୋଇଛନ୍ତି।



ଯୁକ୍ତ ୩ ପରୀକ୍ଷା ଫଳ ବହି ଉନ୍ମୋଚନ କରାଯାଉଛି।

**କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ**

- ବାଜି ମାରିଲେ ଛାତ୍ରୀ
- ୨୧ ବିଷୟରୁ ୧୪ଟିରେ ସର୍ବୋଚ୍ଚ ନମ୍ବର ରଖିଛନ୍ତି ଛାତ୍ରୀ
- ଗତବର୍ଷ ତୁଳନାରେ ପାସ୍ ହାର ବୃଦ୍ଧି

ପୂର୍ବାହ୍ନରେ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା, କଣ୍ଟ୍ରୋଲର ଦେବେନ୍ଦ୍ରନାଥ ଗୋଚ୍ଛାୟତ, ଡେପୁଟି କଣ୍ଟ୍ରୋଲର ତ୍ରିଲୋଚନ ପ୍ରଧାନ ଓ ରମାକାନ୍ତ ମହାନ୍ତି ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ. ତ୍ରିପାଠୀ ସୂଚନା ଦେଇଥିଲେ ଯେ, ଗତ ବର୍ଷ ପରୀକ୍ଷା ଫଳ ଅପେକ୍ଷା ଚଳିତ ବର୍ଷ ପରୀକ୍ଷା ଫଳ ଭଲ ହୋଇଛି। ଗତବର୍ଷ ପାସ୍ ହାର ୯୪ ପ୍ରତିଶତ ଥିବା ବେଳେ ଚଳିତବର୍ଷ ୯୪.୫୮ ପ୍ରତିଶତ ରହିଛି। ମୋଟ ୭୭୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩୩ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। କଳାରେ ପାସ୍ ହାର ୯୫.୭୩ ପ୍ରତିଶତ, ବାଣିଜ୍ୟରେ ୯୨.୩ ପ୍ରତିଶତ ଓ ବିଜ୍ଞାନରେ ପାସ୍ ହାର ୯୫.୩୩ ପ୍ରତିଶତ ରହିଛି।

### ଟପ୍ପରଙ୍କ ମୁହଁରୁ...



"ବାପା ତପନ କୁମାର ଦାଶ ଜଣେ ଶିକ୍ଷକ। ବାପା ସବୁବେଳେ ପାଠପଢ଼ାକୁ ଗୁରୁତ୍ୱ ଦେଇଥାନ୍ତି। ଦୈନିକ ୧୪ ଘଣ୍ଟା ପରିଶ୍ରମ କରିବା ପରେ ରେଜଲ୍ଟ ଭଲ ହୋଇଛି। ଖୁସି ଲାଗୁଛି। ପିଜି କରିବା ପରେ ଶିକ୍ଷକତା କରିବାକୁ ଆଶା ରଖିଛି। ଶିକ୍ଷା ମାଧମରେ ନାରୀ ଶକ୍ତି ଜାଗରଣ କରିବା ମୋର ଲକ୍ଷ୍ୟ।

**-ତନୁଜା ପ୍ରିୟଦର୍ଶିନୀ ଦାଶ, ବିଜ୍ଞାନ ବିଭାଗ ଓ କଲେଜ ଟପ୍ପର**



"ସହର ମଧ୍ୟରେ ବାପା ବିଦ୍ୟାଧର ବିଶ୍ୱାଳଙ୍କର ଏକ ଛୋଟ ଜଳଖିଆ ଦୋକାନ ରହିଛି। ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ସ୍ୱପ୍ନ ଥିଲା। ହେଲେ ପରିବାରର ସ୍ୱଳ୍ପ ଆୟ ଯୋଗୁ ତାହା ସମ୍ଭବ ନୁହେଁ। ତେବେ ପିଜି କରିବା ପରେ ପ୍ରଶାସନିକ କ୍ଷେତ୍ରରେ ଚାକିରି ପାଇଁ ପ୍ରସ୍ତୁତି କରିବି।

**-ପୁଷ୍ପାଞ୍ଜଳି ବିଶ୍ୱାଳ, ବାଣିଜ୍ୟ**



"ବାପା ଅଶୋକ କୁମାର ନାୟକ ଜଣେ ଅଟୋ ଚାଳକ। ଦୈନିକ ୧୦ ଘଣ୍ଟା ପରିଶ୍ରମ କରିଥିଲି। ଏବେ ପିଜି କରିବି। ତା'ପରେ ଶିକ୍ଷୟିତ୍ରୀ ହେବା ପାଇଁ ସ୍ୱପ୍ନ ଅଛି।

**-ଅଙ୍କିତା ନାୟକ, କଳା**

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବିଭିନ୍ନ ବିଷୟରେ ସର୍ବୋଚ୍ଚ ନମ୍ବର ରଖି ଛାତ୍ରୀଛାତ୍ରମାନେ କୃତିତ୍ୱ ଅର୍ଜନ କରିଛନ୍ତି। ସେମାନଙ୍କ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| ବିଷୟ | କୃତୀ ଛାତ୍ରୀଛାତ୍ର | ସର୍ବୋଚ୍ଚ ନମ୍ବର |
|---|---|---|
| ୧.ଇକୋନୋମିକ୍ସ | ଜ୍ଞାନରଞ୍ଜନ ମଲ୍ଲିକ | ୧୧୪୭ |
| ୨.ଏଜୁକେଶନ | ରୁପାଲି ପାତ୍ର | ୧୨୦୫ |
| ୩.ଇଂଲିଶ | ବନଲତା କର | ୯୩୪ |
| ୪.ଜିଓଗ୍ରାଫି | ଶେଷଦେବ ସାମଲ | ୧୧୩୨ |
| ୫.ହିନ୍ଦୀରେ | ସୋନୁପ୍ରିୟା ଭଦ୍ର | ୧୧୮୩ |
| ୬.ହିଷ୍ଟ୍ରି | ରଞ୍ଜନ କୁମାର ସେଠୀ | ୧୦୫୮ |
| ୭.ଇଣ୍ଡଷ୍ଟ୍ରିଆଲ ସୋସିଓଲୋଜି | ଜାହିଦା ଆରା | ୧୦୮୨ |
| ୮.ଓଡ଼ିଆ | ଗାୟତ୍ରୀ ସାହୁ | ୧୧୯୪ |
| ୯.ଫିଲୋସଫି | ମହମ୍ମଦ ଅବଦୁଲ ଖାଲିକ ଖାନ | ୧୦୯୨ |
| ୧୦.ପଲଟିକାଲ ସାଇନ୍ସ | ଶୁଭଲକ୍ଷ୍ମୀ ପଣ୍ଡା | ୧୧୦୪ |
| ୧୧.ସାଇକୋଲୋଜି | ହୃଷୀକେଶ ରାଉତ | ୧୦୯୩ |
| ୧୨.ସଂସ୍କୃତ | ଅନୀତା ମହାନ୍ତି | ୧୧୯୯ |
| ୧୩.ସୋସିଓଲୋଜି | ରୋଜାଲିନ ପ୍ରିୟଦର୍ଶନୀ ବାରିକ | ୧୦୦୨ |
| ୧୪.ବାଣିଜ୍ୟ | ସତ୍ୟଜିତ୍ ରାଉତ | ୧୧୩୫ |
| ୧୫.ବଟାନୀ | ମୋନାଲିସା କର | ୧୧୯୧ |
| ୧୬.କେମିଷ୍ଟ୍ରି | ତନୁଜା ପ୍ରିୟଦର୍ଶନୀ ଦାଶ | ୧୩୧୩ |
| ୧୭.କମ୍ପ୍ୟୁଟର ସାଇନ୍ସ | ପ୍ରତ୍ୟାଶା ମହାନ୍ତି | ୧୨୮୭ |
| ୧୮.ଫିଜିକ୍ସ | ସରୋଜ କୁମାରେ ପ୍ରଧାନ | ୧୨୯୮ |
| ୧୯.ଗଣିତ | ଆୟେଶା ସ୍ୱାଇଁ | ୧୩୧୨ |
| ୨୦.ଷ୍ଟାଟିଷ୍ଟିକ୍ସ | ସସ୍ମିତା ସାହୁ | ୧୦୪୭ |
| ୨୧.ଜୁଲୋଜି | ସୁସ୍ମିତା ପାଣି | ୧୨୨୧ |

# କ୍ଷୀରୋଦଙ୍କୁ ଭେଟିଲା ପ୍ରଶାସନ




କ୍ଷୀରୋଦଙ୍କୁ ଅତିରିକ୍ତ ତହସିଲଦାର ପଲିଥିନ୍ ପ୍ରଦାନ କରୁଛନ୍ତି।

ଡେରାବିଶ, ୧୭।୫ (ସ୍ୱ.ପ୍ର.)

- ମିଳିଲା ପଲିଥିନ୍
- ଘରଭଙ୍ଗା ଟଙ୍କା ଯୋଗାଇ ଦେବାକୁ ପ୍ରତିଶ୍ରୁତି

ପାଇଖାନାରେ ଆଶ୍ରୟ ନେଇଥିବା ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ରଘୁଦେଇପୁର ଗ୍ରାମର କ୍ଷୀରୋଦ କୁମାର ଜେନାଙ୍କୁ ଶୁକ୍ରବାର ବିଡିଓ ଗୋପବନ୍ଧୁ ଭୋସାଗର ଭେଟିଛନ୍ତି। ଏଥିସହ ତାଙ୍କୁ ଏକ ପଲିଥିନ୍ ଯୋଗାଇ ଦିଆଯାଇଥିବା ବେଳେ କ୍ଷୀରୋଦଙ୍କୁ ଘରଭଙ୍ଗା ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତୁରନ୍ତ ତାଙ୍କୁ ବାସଗୃହ ଯୋଜନାରେ ସାମିଲ କରାଯାଇ ପକ୍କାଗୃହ ଯୋଗାଇ ଦିଆଯିବ ବୋଲି ବିଡିଓ ଭୋସାଗର କହିଛନ୍ତି।

ବାତ୍ୟା ଯୋଗୁ ଝୁମ୍ପୁଡ଼ି ଘର ଭାଙ୍ଗି ଯିବା ଯୋଗୁ କ୍ଷୀରୋଦ ନିଜ ପାଇଖାନାରେ ଆଶ୍ରୟ ନେଇଥିବା ବେଳେ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅ ବାହାରେ ପଲିଥିନ୍ ଟାଣି ରହୁଥିଲେ। ଏ ନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଖବରପାଇ ବିଡିଓ ଭୋସାଗର, ଅତିରିକ୍ତ ତହସିଲଦାର କାହ୍ନୁଚରଣ ଲେଙ୍କା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ୍ ଚଇନି ଶୁକ୍ରବାର କ୍ଷୀରୋଦଙ୍କ ଘରେ ପହଞ୍ଚି ଘଟଣା ଅନୁଧ୍ୟାନ କରିଥିଲେ। ଏହାପରେ ତାଙ୍କୁ ବାତ୍ୟାରେ ଘର ଭାଙ୍ଗିବା ବାବଦ ସହାୟତା ସହ ଘର ଯୋଗାଇ ଦିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

### ମୂର୍ତ୍ତି ଶିଳ୍ପୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ମାର୍ଶାଘାଇ,୧୭।୫(ଡିଏନଏ)

ମାର୍ଶାଘାଇ ବଜାର ନିକଟ କୁମ୍ଭାରସାହିର ଯୁବ ମୂର୍ତ୍ତିଶିଳ୍ପୀ ସ୍ୱର୍ଗତ ଭାସ୍କର ଚନ୍ଦ୍ର ବେହେରା(୪୬)ଙ୍କ ବିୟୋଗରେ ଶୁକ୍ରବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିଳ୍ପୀ ଲଙ୍ଗୁଳି ଚରଣ ବେହେରା, ବିଚିତ୍ରାନନ୍ଦ ବେହେରା, ସୁଢଳ କୁମାର ସାହୁ,ହୃଷୀକେଶ ବେହେରା,ସୁବାସ ଚନ୍ଦ୍ର ସାହୁ,କୈଳାଶ ଚନ୍ଦ୍ର ବେହେରା, ସୁନୀଲ ବେହେରା,ରଞ୍ଜନ ବେହେରା, ବିଶ୍ୱଜିତ ବେହେରା,ବଳରାମ ବେହେରା,ବିଜୟ କୁମାର ବେହେରା ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଖୁବ କମ୍ ବୟସରେ ସେ ମାର୍ଶାଘାଇ ବଜାରର ଜୁଣଛକ,ବନମାଳୀ ଛକ,ଅନନ୍ତ ଶୟନ ପୂଜା କମିଟିର ମୂର୍ତ୍ତି ନିର୍ମାଣ କରିଥିଲେ । ଭୁବନେଶ୍ୱରର ବରମୁଣ୍ଡା,ଡୁମଡୁମା,ରାଜନଗରର ଅନେକ ଦୁର୍ଗାମଣ୍ଡପ ମୂର୍ତ୍ତି, ପାରାଦୀପରେ ବଡ ବଡ ଗଣେଶ ଓ ବିଶ୍ୱକର୍ମା ମେଢ ଗଢି ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ବନମାଳୀ ଛକ ପୂଜା କମିଟି ସଦସ୍ୟ ଦେବବ୍ରତ ସ୍ୱାଇଁ,ଉପେନ୍ଦ୍ର ବେହେରା, ଅନନ୍ତ ଶୟନ ପୂଜା କମିଟିର ନିରଞ୍ଜନ ସେଠୀ,ରାଜେନ୍ଦ୍ର ସାହୁ, ହଗୁରୀ ଦାସ, ମଧୁସୂଦନ ଦାସ, ଜୁଣଛକ ପୂଜା କମିଟିର ଶୁକଦେବ ସ୍ୱାଇଁ, ପ୍ରଦୀପ୍ତ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ବାତ୍ୟାରେ ଶତାଧିକ ଏକର ଫସଲ ନଷ୍ଟ

# କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ଡେରାବିଶ, ୧୭।୫ (ସ୍ୱ.ପ୍ର.)

**ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକ ପତ୍ର**

ଗତ ୩ ତାରିଖରେ ହୋଇଥିବା ବାତ୍ୟା ଫନୀ ପ୍ରଭାବରେ ଡେରାବିଶ ବ୍ଲକ ଅଞ୍ଚଳରେ ବ୍ୟାପକ ଫସଲ ହାନି ଘଟିଛି। ରବି ଫସଲ ମୁଗ, ବିରି ଏବଂ ଡାଲୁଅ ଧାନ ଖେତ ଉଜୁଡ଼ି ଯାଇଛି। ବିଲରେ ଯାହା ବଳକା ଫସଲ ରହିଛି ସେସବୁରେ ଫିମ୍ପି ମାରି ଯାଇଥିବାରୁ ସେଗୁଡ଼ିକୁ ଅମଳ କରିହେଉନାହିଁ। ଅନେକ ଟଙ୍କା ଖର୍ଚ୍ଚ କରିବା ସହ ବହୁ ପରିଶ୍ରମ କରି ଚାଷୀମାନେ କରିଥିବା ବିଭିନ୍ନ ଫସଲ ଫନୀ ସବୁ ଉଜାଡ଼ି ଦେଇଯାଇଛି। ସେହିପରି ରବି ଋତୁରେ କରାଯାଇଥିବା ବାଇଗଣ, କାକୁଡି, ଜହ୍ନି, ଭେଣ୍ଡି, ପୋଟଳ, କଲରା, ଝୁଡଙ୍ଗ ଓ କଦଳୀ ଆଦି ପନିପରିବା ଚାଷ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟାକୁ ଇତିମଧ୍ୟରେ ୨ସପ୍ତାହ ପୂରିଥିବା ବେଳେ କ୍ଷୟକ୍ଷତି ଆକଳନ କରିବାକୁ ଏ ପର୍ଯ୍ୟନ୍ତ କୃଷି ବିଭାଗ କିମ୍ବା ଉଦ୍ୟାନ କୃଷି ବିଭାଗ ଚାଷୀଙ୍କ ପାଖରେ ପହଞ୍ଚି ନାହିଁ। ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଦାବି ହୋଇଛି। ଏଥିସହ ଏ ନେଇ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ତେବେ ଚାଷୀଙ୍କ କ୍ଷତିଭରଣା କରା ନ ଗଲେ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଜିଲାରେ ମୁଗମଣ୍ଡି ଖୋଲିବାକୁ ଦାବି

କେନ୍ଦ୍ରାପଡା ଅଫିସ, ୧୭।୫

କେନ୍ଦ୍ରାପଡା ଜିଲାର ସମସ୍ତ ସ୍ଥାନରେ ଅଦ୍ୟାବଧି ମୁଗମଣ୍ଡି ଖୋଲିନାହିଁ। ମୁଗଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ସେହିପରି ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ଶସ୍ୟ ସଂରକ୍ଷଣ କରି ରଖିପାରୁନାହିଁ। ଏହି କୃଷିଭିତ୍ତିକ ସମସ୍ୟା ସମାଧାନ ପାଇଁ ଓଡ଼ିଶା ନବ ନିର୍ମାଣ କୃଷକ ସଂଗଠନ ଜିଲା ଶାଖା ପକ୍ଷରୁ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସଂଗଠନର ବରିଷ୍ଠ କର୍ମକର୍ତ୍ତା ଦିବାକର ନାୟକ କୁହନ୍ତି ଯେ, ରବି ଫସଲ ଅମଳ ସରିଥିଲେ ମଧ୍ୟ ଅଦ୍ୟାବଧି ଜିଲାରେ ମୁଗମଣ୍ଡି ଖୋଲାଯାଇନାହିଁ। ଫଳରେ ଚାଷୀମାନେମୁଗ କିଗ୍ରା ପ୍ରତି ମାତ୍ର ୩୫ ଟଙ୍କାରେ ବେପାରୀଙ୍କୁ ବିକ୍ରି କରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି ସେ ଦର୍ଶାଇଛନ୍ତି। ଏଥିସହିତ ସେ କହିଛନ୍ତି, ଜିଲାରେ ଶୀତଳଭଣ୍ଡାର ନାହିଁ। ଏଥିପାଇଁ ଜିଲାରେ ଅନ୍ୟୂନ ୯ଟି ସ୍ଥାନରେ ଶୀତଳ ଭଣ୍ଡାର ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ଥିବା ନାୟକ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ନବ ନିର୍ମାଣ କୃଷକ ସଂଗଠନର ରବୀନ୍ଦ୍ର ମହାପାତ୍ର, ଜୟନ୍ତ ଲେଙ୍କା, ରତ୍ନାକର ସ୍ୱାଇଁ, କୃଷ୍ଣଚନ୍ଦ୍ର ରାଉତ, ଭାଗ୍ୟଧର ସ୍ୱାଇଁ, ପ୍ରଭାକର ଦାସ, ପ୍ରଶାନ୍ତ ବେହେରା, ଚନ୍ଦ୍ରଭାନୁ ମଲ୍ଲିକ, ନାରାୟଣ ଚନ୍ଦ୍ର କବି ପ୍ରମୁଖ ଉପସ୍ଥିତ ଥିଲେ।

### ଆର୍ଟ ଅଫ ଗିଭିଙ୍ଗ୍ ଦିବସ ପାଳିତ

ରାଜନଗର, ୧୭।୫(ଡିଏନଏ)

ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ ଶୁକ୍ରବାର ଆନ୍ତର୍ଜାତିକ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଇ ଶାନ୍ତି ଓ ଖୁସିର ବାର୍ତ୍ତା ଦିଆଯାଇଛି। ଚଳିତବର୍ଷ ୨ଶହରୁ ଉର୍ଦ୍ଧ୍ୱ କୁନି କୁନି ଛାତ୍ରୀଛାତ୍ରଙ୍କୁ ବ୍ୟାଗ ସହିତ ଶିକ୍ଷା ଉପକରଣ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ନାୟକ, ପୂର୍ବତନ ସରପଞ୍ଚ ଶୁଭ୍ରକାନ୍ତ ଭ୍ରମରରାୟ, କୁଳମଣି ନାୟକ, ଜିତେନ୍ଦ୍ର ବିଶ୍ୱାଳ, କେଶବ ପ୍ରଧାନ, ରାଧାକାନ୍ତ ବେହେରା, ଦୈତାରୀ ବେହେରା, ଭାରତୀ ବାଳା ଦାସ, ପୁଷ୍ପଲତା ବେହେରା ସହଯୋଗ କରିଥିଲେ। ଅଧାପକ ଲଳିତ ମୋହନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ହାରଜିତ୍‌କୁ ନେଇ ଅଙ୍କକଷା

ଭାସ୍କର ରାଉତରାୟ
ରାଜନଗର, ୧୭।୫

କେନ୍ଦ୍ରାପଡା ଜିଲାର ସବୁଠୁ ସମ୍ବେଦନଶୀଳ ବିଧାନସଭା କ୍ଷେତ୍ର ଭାବେ ରାଜନଗର ନିର୍ବାଚନମଣ୍ଡଳୀ ପରିଚିତ। ୨୦୦୪ ମସିହା ଠାରୁ ୨୦୧୪ ଯାଏଁ ଏହି ନିର୍ବାଚନମଣ୍ଡଳୀରେ ଶାସକ ଦଳର ପ୍ରାର୍ଥୀ ଚୟନକୁ ନେଇ କର୍ମୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଥିଲା। କାରଣ ଏହି ସମୟ ମଧ୍ୟରେ ହୋଇଥିବା ୩ ଟି ସାଧାରଣ ନିର୍ବାଚନରେ ଶାସକ ବିଜେଡି ପକ୍ଷରୁ ଜଣଙ୍କୁ ଟିକେଟ ଦିଆଯାଇ ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ପରିବର୍ତ୍ତନ କରାଯିବା ଭଳି ନଜିର ରହିଛି। ଯାହାକି ରାଜନୈତିକ କ୍ଷେତ୍ରରେ ହଟଚମଟ ସୃଷ୍ଟି କରିଥିଲା । ବିଶେଷ କରି ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ପରିବର୍ତ୍ତନର ତରିକାକୁ ନେଇ ରାଜନୈତିକ ବିଶେଷଜ୍ଞଙ୍କ ମଧ୍ୟରେ ବିଭିନ୍ନ ମତ ପ୍ରକାଶ ପାଇଥାଏ। ତେବେ ୨୦୧୯ ସାଧାରଣ ନିର୍ବାଚନରେ ବିରୋଧ ସତ୍ତ୍ୱେ ଶାସକ ଦଳ ପ୍ରାର୍ଥୀ ବଦଳା ଯାଇ ନ ଥିବା ବେଳେ ରାଜନଗର ବିଧାନସଭା ଆସନ କେଉଁ ଦଳ ହାତେଇବ ସେନେଇ ଗାଁ ଠାରୁ ସହର ଯାଏଁ ବିଭିନ୍ନ ସ୍ଥାନରେ ଶିକ୍ଷାବିତ୍‌ଙ୍କ ଠାରୁ ଆରମ୍ଭ କରି ରାଜନୈତିକ ବ୍ୟକ୍ତି ବିଶେଷ ପର୍ଯ୍ୟନ୍ତ ଅଙ୍କକଷା ଆରମ୍ଭ କରି ଦେଇଛନ୍ତି। ଚଳିତ ନିର୍ବାଚନରେ ଶାସକ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡା ଟକ୍କର ହେବାର ସମ୍ଭାବନା ରହିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଭାଜପା ପ୍ରାର୍ଥୀ ଅଲେଖ କୁମାର ଜେନା ଓ ଦଳୀୟ କର୍ମୀଙ୍କ ନୀରବତା ଦେଖିବାକୁ ମିଳିଥିଲା । ଫଳରେ ଏହି ଆସନ ପାଇଁ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢେଇ ହୋଇଥିବା କୁହାଯାଉଛି।

ଏଥର ରାଜନଗର ଆସନରୁ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ଧ୍ରୁବ ଚରଣ ସାହୁ ୨୦୧୪ ସାଧାରଣ ନିର୍ବାଚନ ବେଳେ ସବୁ ଆଶାୟୀଙ୍କୁ ପଛରେ ପକାଇ ମୁଖ୍ୟମନ୍ତ୍ରୀଙ୍କ ଆସ୍ଥା ଭାଜନ ହୋଇ ଦଳୀୟ ଟିକେଟ ହାତେଇଥିଲେ। ଅପରପକ୍ଷରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ପୂର୍ବତନ ମନ୍ତ୍ରୀ

**ରାଜନଗର ବିଧାନସଭା କ୍ଷେତ୍ର**

ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ପୁଅ ଅଂଶୁମାନ ମହାନ୍ତି କଂଗ୍ରେସରୁ ପୁନର୍ବାର ପ୍ରାର୍ଥୀ ହୋଇଥିଲେ। ତେବେ ଅଂଶୁମାନ ସେତେବେଳେ ଅନୁକମ୍ପାମୂଳକ ଭୋଟ ହାତେଇ ଥିଲେ । ଫଳରେ ସ୍ୱଳ୍ପ ଭୋଟ ବ୍ୟବଧାନରେ ଧ୍ରୁବଙ୍କୁ ଅଂଶୁମାନ ପରାଜିତ କରି ସର୍ବକନିଷ୍ଠ ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ତାଙ୍କର ୫ ଜଣ ଆଶାୟୀ ପ୍ରାର୍ଥୀଙ୍କୁ ପଛରେ ପକାଇ ବିଜେଡି ଟିକେଟ ହାତେଇଥିଲେ। ତାଙ୍କ ବିରୋଧୀଙ୍କ ଶିବିର ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲା। ପରବର୍ତ୍ତୀ ସମୟରେ ଦଳ ପାଇଁ କାମ କରିବାକୁ ୩ୟ ମହଲାରୁ କଡା ନିର୍ଦ୍ଦେଶ ଆସିଥିଲା। ଏଣୁ ଧ୍ରୁବଙ୍କ ବିରୋଧୀମାନେ ଦଳ ପାଇଁ କେତେ କାମ କରିଛନ୍ତି ୨୩ ତାରିଖ ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଯିବ। ଦୀର୍ଘ ୫ ବର୍ଷ ଧରି ଦଳର ଜିଲା ସଭାପତି ଥିବା ଧ୍ରୁବ ଦଳୀୟ ସଂଗଠନକୁ ମଜଭୁତ କରିଥିବା ଦୃଷ୍ଟିରୁ ଚଳିତ ନିର୍ବାଚନରେ ସେ ବିଜୟ ଲାଭ କରିବେ ବୋଲି ତାଙ୍କ ସମର୍ଥକମାନେ ଆଶା ବାନ୍ଧିଛନ୍ତି। ଅପରପକ୍ଷରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ତଥା ବିଧାୟକ ଅଂଶୁମାନ ଚଳିତ ନିର୍ବାଚନରେ କଡା ଟକ୍କରର ସମ୍ମୁଖୀନ ହୋଇଛନ୍ତି। ଅଂଶୁମାନ ନିଜର ଅମାୟିକ ବ୍ୟକ୍ତିତ୍ୱ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଚଳିତ ନିର୍ବାଚନରେ ରାଜନଗର ବ୍ଲକରେ କଂଗ୍ରେସର ଭୋଟହାର ବୃଦ୍ଧି ପାଇବ ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ରାଜନଗର ନିର୍ବାଚନମଣ୍ଡଳୀରେ ଏପ୍ରିଲ ୨୯ରେ ମତଦାନ ଶେଷ ହୋଇଛି। ରାଜନଗର ବ୍ଲକର ୧୫୩ ଟି ବୁଥ ଓ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟିରେ ୧୩୧ଟି ବୁଥରେ ୧ଲକ୍ଷ ୭୧ ହଜାର ୭୦୯ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି । ରାଜନଗର ବ୍ଲକରେ ୭୪.୫୧ପ୍ରତିଶତ ମତଦାତା ଭୋଟ ଦେଇଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ୬୪.୬୭ ଓ ମ୍ୟୁନିସିପାଲିଟିରେ ୬୮.୯୫ ପ୍ରତିଶତ ମତଦାନ ହୋଇଛି। ୧,୭୧,୭୦୯ ଭୋଟର ଭୋଟ ଦେଇଥିବା ବେଳେ ଯିଏ ୮୦ହଜାର ଭୋଟ ପାଇବ ସେହି ଦଳ ବାଜି ମାରିନେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପକାଶ କରିଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୮ ମେ, ୨୦୧୯



## ସଂକ୍ଷେପରେ

### ମୁଗ ମଣ୍ଡି ଖୋଲିବାକୁ ଦାବି

ତିର୍ତ୍ତୋଲ,୧୭।୫(ଡି.ଏନ.ଏ.): ପୂର୍ବ ବର୍ଷମାନଙ୍କ ଭଳି ଚଳିତବର୍ଷ ମଧ ମଣ୍ଡି ଦ୍ୱାରା ଚାଷୀଙ୍କଠାରୁ ମୁଗ ସଂଗ୍ରହ ପାଇଁ ସାଧାରଣରେ ଦାବି ହେଉଛି। ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ଫନୀ ଦ୍ୱାରା ମୁଗ ଫସଲ କିଛି ମାତ୍ରାରେ ପ୍ରଭାବିତ ହୋଇଛି। ତେବେ ବିଲରେ ଓଦା ହୋଇ ଗଜାହେବା ସହ ବତୁରିଯାଇଥିବା ମୁଗକୁ ଚାଷୀମାନେ ପରିଶ୍ରମ କରି କିଛି ପରିମାଣରେ ଅମଳ କରିଛନ୍ତି। ଏହି ମୁଗକୁ ବିକ୍ରି କରିବାରେ ଏବେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ସରକାରଙ୍କ ତରଫରୁ ଚାଷୀଙ୍କ ଉତ୍ପାଦିତ ମୁଗକୁ ସରକାରୀ ଦରରେ ସମବାୟ ବିଭାଗ ଦ୍ୱାରା ମଣ୍ଡି ଖୋଲାଯାଇ ସଂଗ୍ରହ କରାଯାଇଥାଏ। ତେଣୁ ଏହି ଅମଳ ମୁଗକୁ ମଣ୍ଡି ମାଧମରେ ସଂଗ୍ରହ କରିବାକୁ ଚାଷୀମାନେ ଦାବି କରିଛନ୍ତି। ମୁଗର ମାନ ଖରାପ ଥିବାରୁ ବ୍ୟବସାୟୀମାନେ ଏହାକୁ ଗ୍ରହଣ କରୁନାହାନ୍ତି। ଯଦିବା କେହି ବ୍ୟବସାୟୀ ଏହି ମୁଗ କିଣିବାକୁ ରାଜି ହେଉଛନ୍ତି, ସେମାନେ କିଲୋ ପିଛା ୩୦ରୁ ୩୨ ଟଙ୍କା ଦରରେ ନେଉଛନ୍ତି। ଫଳରେ ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ଅମଳ କରିଥିବା ମୁଗକୁ ଏତେ କମ ଦରରେ ବିକ୍ରି କରି କ୍ଷତି ସହିବା ସାର ହେଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନବ ନିର୍ମାଣ କୃଷକ ସଙ୍ଗଠନ ତରଫରୁ ଦାବି ହୋଇଛି।

### ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା

ତିର୍ତ୍ତୋଲ,୧୭।୫(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ପଞ୍ଚାୟତ ବତିଲୋ ଗ୍ରାମରେ ଶ୍ରୀ ଶ୍ରୀ ପଞ୍ଚମ ଖି ହନିମାନଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଅଙ୍କୁରାରୋପଣ, ଧାନାଧିବାସ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ, ସ୍ନାନ, ଶୟନ, ମଣ୍ଡପ ପୂଜା, ଘୃତାହୁତି, ଜୀବନ୍ୟାସ, ହନୁମାନ ଚାଳିଷା ପାଠ, ନଗର ପରିକ୍ରମା, ଭଜନ ସମାରୋହ କାର୍ଯ୍ୟକ୍ରମ ହୋଇଥିଲା। ମନ୍ଦିର କମିଟି ସଦସ୍ୟମାନଙ୍କ ସହ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ଛାତ୍ରଙ୍କ ବିୟୋଗରେ ଶୋକ

କୁଜଙ୍ଗ,୧୭।୫(ସ୍ୱ.ପ୍ର): କଟକ ଜଗତ୍‌ପୁରଠାରେ ମଙ୍ଗଳବାର ମହାନଦୀରେ ବୁଡ଼ି କୁଜଙ୍ଗ ବ୍ଲକ ପଙ୍କପାଳ ଗ୍ରାମର ଅର୍ଦ୍ଧସାମରିକ କର୍ମଚାରୀ ପବିତ୍ର ପରିଡ଼ାଙ୍କ ଏକମାତ୍ର ପୁତ୍ର ପ୍ରତୀକ ପରିଡ଼ାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରି ଜଣେ ପ୍ରତିଭାବାନ ଛାତ୍ରଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପଙ୍କପାଳର ସରପଞ୍ଚ ମିନାକ୍ଷୀ ଦାସ, ବଣିକ ସଂଘ ସଭାପତି ଫକୀର ଦାସ, ଶିକ୍ଷାବିତ୍ ପଙ୍କଜ ଦାଶ, ଆଇନିଜୀବୀ ଦେବାଶିଷ କଣ୍ଡ, ରବୀନ୍ଦ୍ର ପରିଡା, ବସନ୍ତ ପରିଡା, ପଙ୍କପାଳ ସମିତିସଭ୍ୟ ଅକ୍ଷୟ ସାହୁ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତୀକଙ୍କ ପିତା ଅସୁସ୍ଥ ହୋଇ କଲିକତାରେ ଚକିତ୍ସିତ ହେଉଛନ୍ତି। ପ୍ରତୀକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପଢୁଥିଲେ ଓ ଏକ ଘରୋଇ ମେସ୍‌ର ରହୁଥିଲେ। ଏକ ବିବାହ ଭୋଜିକୁ ଯିବା ପାଇଁ ସହପାଠୀଙ୍କ ସହ ସେ ମହାନଦୀକୁ ଗାଧୋଇବାକୁ ଯାଉଥିବାବେଳେ ଏହି ଦୁଃଖଦ ଘଟଣା ଘଟିଥିଲା।

■ ସୁଧୁରୁନି ବାତ୍ୟାବିପନ୍ନଙ୍କ ଦୁର୍ଦ୍ଦଶା

# ୧୫ ଦିନ ପରେ ବି ପ୍ରଶାସନର ଦେଖାନାହିଁ

ବାଲିଆ,୧୭।୫(ଡି.ଏନ.ଏ.)


ଫନୀ ଦ୍ୱାରା କ୍ଷତିଗ୍ରସ୍ତ ବିରିଡ଼ି ବ୍ଲକ ଶଙ୍ଖପୁର ପଞ୍ଚାୟତ ୭ନଂ. ୱାର୍ଡ ଦଳିତ ସାହି ବାସିନ୍ଦା।


ତିନି ପରିବାରଙ୍କ ଘର ଉପରେ ଗଛ ପଡି ରହିଛି।

ଫନୀର ୧୫ ଦିନ ପରେ ମଧ ବିପନ୍ନଙ୍କ ସମସ୍ୟାରେ କୌଣସି ସୁଧାର ଆସିନାହିଁ। ଏପରି କି ସେମାନେ କିପରି କେଉଁ ଅବସ୍ଥାରେ ଅଛନ୍ତି, ତାହା ଦେଖିବାକୁ ଅଦ୍ୟାବଧି ପ୍ରଶାସନ ପକ୍ଷରୁ କେହି ଆସିନାହାନ୍ତି। ବିରିଡ଼ି ବ୍ଲକ ଶଙ୍ଖପୁର ପଞ୍ଚାୟତ ୭ନଂ. ୱାର୍ଡ ଦଳିତ ସାହିର ୪୦ରୁ ଉର୍ଦ୍ଧ୍ୱ ପରିବାର ଗତ ୩ ତାରିଖ ବାତ୍ୟା ପ୍ରଭାବରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ସାହିର ସୁଶାନ୍ତ ଭୋଇ, କାର୍ତ୍ତିକ ଭୋଇ ଓ ଗୋଲାପ ଭୋଇଙ୍କ ଚାଳଛପର ଘର ଉପରେ ଏକ ବିରାଟ ଚାକୁଣ୍ଡା ଗଛ ଉପୁଡ଼ିପଡ଼ିଛି। ଫଳରେ ୩ ବଖରା ଘର ଏବେ ମଧ ଗଛ ତଳେ ଚାପିହୋଇ ରହିଛି। ସେହି ଗ୍ରାମର ଝାଟୁ ସାମଲଙ୍କ ଘର ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସରକାରୀ ସହାୟତାକୁ ଚାହିଁ ଚାହିଁ ନିରାଶ ହେବା ପରେ ଏବେ ସେ ନିଜେ ଘର ସଜାଡ଼ିବାକୁ ଅଣ୍ଟା ଭିଡ଼ିଛନ୍ତି। ଘର ଉପରେ ଚଢି ସେ ରୁଅ ବାଉଁଶ ସଜାଡୁଥିବା ଦେଖିବାକୁ ମିଳିଛି। କୈଳାସ ସାମଲ ଓ ବସନ୍ତ ସାମଲ ଦୁଇ ପରିବାରଙ୍କ ଘର ମାଟିରେ ମିଶିଯାଇଛି। ଅର୍ଥ ଅଭାବରୁ ସେମାନେ ଏ ପର୍ଯ୍ୟନ୍ତ ଘର ସଜାଡ଼ି ପାରୁନାହାନ୍ତି। ସେହିପରି ଗ୍ରାମର ବିଧବା ମହିଳା ନାବନ ସାମଲଙ୍କ ଘର ଭାଙ୍ଗିଯାଇଛି। ଖଣ୍ଡେ ଚିରା ପାଲ ତଳେ ତାଙ୍କ ୪ ପ୍ରାଣୀର ପରିବାର ମୁଣ୍ଡ ଗୁଞ୍ଜିଛନ୍ତି। କେବଳ ଏମାନେ ନୁହନ୍ତି, ଗ୍ରାମର ଶୈଳ ଭୋଇ, ରାମଚନ୍ଦ୍ର ଭୋଇ, ଗୋବିନ୍ଦ ଭୋଇ, ନିରଞ୍ଜନ ଭୋଇ, କ୍ଷୀରୋଦ ଭୋଇ, ସୂର୍ଯ୍ୟକାନ୍ତ ଭୋଇ, ମନୋଜ ଭୋଇ, ହରିବୋଲ ଭୋଇ, ପିଣ୍ଟୁ ଭୋଇ, ସଞ୍ଜୟ ଦାସ, ତୋଫାନ ଭୋଇ, ଅରକ୍ଷିତ ଭୋଇ, ଦୋଳଗୋବିନ୍ଦ ଭୋଇ, ଗେଟୁ ଭୋଇ, ଦେବ ସିଂ, ସୁମ

■ଘର ଉପରେ ଶୋଇରହିଛି ବିରାଟ ଗଛ
■ପଲିଥିନ ଖଣ୍ଡେ ମଧ ଦେଲାନି ପ୍ରଶାସନ
■ସହାୟତାକୁ ଚାହିଁ ରହିଛନ୍ତି ବିପନ୍ନ

ବେହେରା, ଗଦାଧର ଭୋଇ, ସରୋଜ ଦାସ, ନାରାୟଣ ଭୋଇ, ପ୍ରକାଶ ଭୋଇ, ପ୍ରତାପ ଭୋଇଙ୍କ ଛପର ଘର ଭାଙ୍ଗିଯାଇଥିବାରୁ ସେମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ପର୍ଯ୍ୟନ୍ତ ତହସିଲ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପାଲ ଖଣ୍ଡିଏ ମଧ ମିଳିଲା ନାହିଁ। ଅନ୍ୟମାନଙ୍କ ମଧରେ ମଣ୍ଟୁ ସାମଲ, ନରେଶ ସାମଲ, ଧନେଶ୍ୱର ସାମଲ, କୈଳାସ ସାମଲ, ଦିଲୀପ ସାମଲ, ସୁରେନ୍ଦ୍ର ସାମଲ, ଅର୍ଜୁନ ସାମଲ, ବସନ୍ତ ସାମଲ, ମାନସ ସାମଲ, ରାମଚନ୍ଦ୍ର ସାମଲ, ଶ୍ରୀଧର ସାମଲ, ସୁଦାମ ସାମଲଙ୍କ ଘର ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସୂଚନାଯୋଗ୍ୟ, ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହି ୱାର୍ଡଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ। ଅନେକ ସମୟରେ ସରକାରୀ ସହାୟତା ଏଠାକାର ଲୋକଙ୍କ ପାଖରେ ପହଞ୍ଚିପାରି ନ ଥାଏ। ଏଠାରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସେମାନେ ସମସ୍ତେ ଦଳିତ ପରିବାର। ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିଲେ ମଧ କାଁ ଭାଁ କେତେଜଣଙ୍କୁ ଛାଡ଼ିଦେଲେ ପ୍ରାୟ ୮୦ ପ୍ରତିଶତ ପରିବାର ପ୍ରଶାସନିକ ଅବହେଳାର ଶିକାର ହେଉଛନ୍ତି। ସେମାନଙ୍କୁ ପକ୍କାଘର ମିଳିନାହିଁ। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନେ ବାରମ୍ବାର ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କଟକ-ପାରାଦୀପ ରେଳଲାଇନ ଓ ହଂସୁଆ ମଝିରେ ଥିବା ଅତ୍ୟନ୍ତ ଖାଲୁଆ ଜାଗାରେ ରହୁଥିବାରୁ ସେମାନେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା କହିଛନ୍ତି। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

■ ରିଲିଫ ବଣ୍ଟନରେ ଅନିୟମିତତା

## ବିଡିଓ, ତହସିଲଦାରଙ୍କୁ ଭାଜପାର ଦାବିପତ୍ର

ନାଉଗାଁ,୧୭।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ଫନୀ ଦ୍ୱାରା ପ୍ରଭାବିତ ଲୋକଙ୍କୁ ଠିକ ଭାବେ ରିଲଫ ପ୍ରଦାନ କରା ନ ଯାଇ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ଜାମୁଗାଁ ସରପଞ୍ଚ ଲଲାଟେନ୍ଦୁ ପରିଡା ପ୍ରମୁଖ ବିଡିଓ ରଶ୍ମିରେଖା ମଲିକ ଓ ତହସିଲଦାର ଜେ.କଳ୍ପନାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାର ଉପଯୁକ୍ତ ତଦନ୍ତ ନ ହେଲେ ଆସନ୍ତା ୨୦ ତାରିଖରେ ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ଦାୟିତ୍ୱରେ ଥିବା କମିଶନର ଶାଶ୍ୱତ ମିଶ୍ରଙ୍କୁ ମଧ ଅବଗତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଫନୀରେ ପ୍ରଭାବିତ ହିତାଧିକାରୀଙ୍କୁ ପଲିଥିନ ମିଳୁ ନ ଥିବାବେଳେ ବିଜୁ ଯୁବବାହିନୀର ଚିଠା ଅନୁସାରେ ପଲିଥିନ ବଣ୍ଟନ କରାଯାଉଛି। ରାଶନ କାର୍ଡ ପାଇବାରୁ ଅନେକ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ରିଲିଫ ମଧ ପ୍ରଦାନ କରାଯାଉନାହିଁ। କିନ୍ତୁ ଅନେକ ଅଯୋଗ୍ୟ ହିତାଧିକାରୀ କାର୍ଡ ପାଇଥିବାବେଳେ ରିଲିଫ ସାମଗ୍ରୀ ପାଇଛନ୍ତି। ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନ ମିଳୁ ନ ଥିବାବେଳେ ନ ଭାଙ୍ଗିଥିବା ଲୋକ ପଲିଥିନ ପାଇଛନ୍ତି। ମୃତବ୍ୟକ୍ତିଙ୍କ ନାମରେ ରାଶନ କାର୍ଡ ରହିଥିବାବେଳେ ସେ ରିଲିଫ ସାମଗ୍ରୀ ଉଠାଉଥିବା ନଜିର ରହିଛି। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ନଡ଼ିଆ, ଗୁଆ, ଶାଗୁଆନ ଆଦି ମୂଲ୍ୟବାନ ଗଛର କ୍ଷୟକ୍ଷତି ଠିକ୍ ଭାବେ ଆକଳନ କରାଯାଉନାହିଁ। କ୍ଷତିଗ୍ରସ୍ତ ହୋଇଥିବା ଗୃହପାଳିତ ପ୍ରାଣୀଙ୍କ ସମ୍ପର୍କରେ ମଧ ଉପଯୁକ୍ତ ତଦନ୍ତ ହେଉନାହିଁ। ଏସବୁର ଉପଯୁକ୍ତ ଆକଳନ କରାଯିବା ସହ ଡାଲୁଅ ଧାନ, ମୁଗ ଆଦି କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ନାଉଗାଁ ତହସିଲଦାର ଜେ.କଳ୍ପନା କହିଛନ୍ତି ଯେ, କ୍ଷୟକ୍ଷତି ଆକଳନ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କରାଯାଉଛି। ଯେହେତୁ କର୍ମଚାରୀ କମ୍ ଅଛନ୍ତି, ତଦନ୍ତ କରିବାରେ ବିଳମ୍ବ ହେଉଛି।

## ୫ ବାଇକ୍ ଜବତ, ୩ ଗିରଫ

ଜଗତ୍‌ସିଂହପୁର ଅଫିସ,୧୭।୫

ଜଗତ୍‌ସିଂହପୁର ଥାନା ପୋଲିସ ଏକ ବାଇକ୍ ର୍ୟାକେଟ୍‌ର ୩ ଜଣଙ୍କୁ ଗିରଫ କରିବା ସହ ୫ଟି ବାଇକ୍ ଜବତ କରିଛି। ର୍ୟାକେଟ୍‌ର ମାଷ୍ଟର ମାଇଣ୍ଡକୁ ଧରିବା ପାଇଁ ପୋଲିସ ଜାଲ ବିଛାଇଛି। ଏ ସମ୍ପର୍କରେ ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି ଯେ, ଶୁକ୍ରବାର ଭିତରେ ର୍ୟାକେଟ୍ ସମ୍ପର୍କରେ ଅଧିକ କିଛି ତଥ୍ୟ ହସ୍ତଗତ ହେବ। ଏପରି କି ଗିରଫ ସଂଖ୍ୟା ବଢିପାରେ। କିନ୍ତୁ ଅନ୍ୟ ଜଣେ ପୋଲିସ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ର୍ୟାକେଟ୍‌ର ଚେର ଜଗତ୍‌ସିଂହପୁର, କଟକ, ଭୁବନେଶ୍ୱର ସମେତ ଅନ୍ୟ ଜିଲାକୁ ଲମ୍ବିଛି। ସେମାନଙ୍କଠାରୁ ପୂର୍ଣ୍ଣ ତଥ୍ୟ ହସ୍ତଗତ ହେଲାପରେ ବଡ ରହସ୍ୟ ପଦାକୁ ଆସିବ।

## ପୂର୍ବ ଶତ୍ରୁତାରୁ କଟୁରିରେ ମରଣାନ୍ତକ ଆକ୍ରମଣ

ଜଗତ୍‌ସିଂହପୁର ଅଫିସ,୧୭।୫

ଖୁଦୁରୁକୁଣୀ ଓଷା ବିବାଦକୁ ନେଇ ଜଗତ୍‌ସିଂହପୁର ଥାନା ଅଧୀନ କେନ୍ଦାଳରେ ଜଣଙ୍କୁ କଟୁରିରେ ଆକ୍ରମଣ ହୋଇଛି। ଏଥିରେ ସେ ଗୁରୁତର ହୋଇଥିବାବେଳେ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ କେନ୍ଦାଳର ଗଜେନ୍ଦ୍ର ପାତ୍ର ଓ ମୁନୁ ମଲ୍ଲିକଙ୍କ ମଧରେ ଝଗଡ଼ା ହୋଇଥିଲା। କିଛିଦିନ ପରେ ଗତ ୧୫ ତାରିଖରେ ଏହି ବିବାଦ ଉଗ୍ରରୂପ ନେଇଥିଲା। କେନ୍ଦାଳ ଛକରେ ଗଜେନ୍ଦ୍ରଙ୍କୁ ମୁନୁ ଏକ କଟୁରୀରେ ଆକ୍ରମଣ କରିଥିଲେ। ଏନେଇ ଗଜେନ୍ଦ୍ରଙ୍କ ସ୍ତ୍ରୀ ସସ୍ମିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୨୯୪/୩୦୭ ଆଇପିସିରେ ଗୁରୁବାର ମାମଲା ସଂଖ୍ୟା ୧୬୩/୧୯ ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖ ସନ୍ଧ୍ୟାରେ ଗଜେନ୍ଦ୍ର କେନ୍ଦାଳ ଛକରେ ଥିବାବେଳେ ମୁନୁ ସେଠାରେ ପହଞ୍ଚି ପ୍ରଥମେ ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏକ ଧାରୁଆ କଟୁରିରେ ସେ ଗଜେନ୍ଦ୍ରଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ହାଣି ପକାଇଥିଲେ। ଚିତ୍କାର ଶୁଣି ଛକରେ ଥିବା କେତେଜଣ ଲୋକ ସେଠାରେ ପହଞ୍ଚି ଗଜେନ୍ଦ୍ରଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି।


କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ

କୁଜଙ୍ଗ,୧୭।୫(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ସଭାପତି ବୈଷ୍ଣବ ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମାୟାଧର ଦାସ ମୁଖ୍ୟଅତିଥି, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲା ସଂଯୋଜକ ବିଶ୍ୱଜିତ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ସହ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ପ୍ରତି ଧ୍ୟାନ ଦେବା ଅପରିହାର୍ଯ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ, ଧୀରେନ୍ଦ୍ର କୁମାର ସ୍ୱାଇଁ, ଶିକ୍ଷକନେତା ଶଙ୍କର୍ଷଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଅପରାଜିତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ, ବସନ୍ତ କୁମାର ପରିଡ଼ା ସ୍ୱାଗତ ଭାଷଣ, ସରୋଜ କୁମାର ସ୍ୱାଇଁ ଉଦ୍ଦେଶ୍ୟ ଜ୍ଞାପନ, ଦିଲୀପ କୁମାର ତରାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ନୃସିଂହ ଚରଣ ସାମଲ ମଞ୍ଚ ସଂଯୋଜନା କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଉତ୍କଳ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶନାରେ 'ନାହିଁ ଜଣେ ଏକଲବ୍ୟ, ଦ୍ରୋଣ କିନ୍ତୁ ଅନେକ' ନାଟକ ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ମକୁ ଗୁରୁଜୀଙ୍କ ଉଦ୍ଦେଶ୍ୟରେ ପ୍ରାରମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଅତିଷ୍ଠ କଲାଣି ଅସ୍ଥାୟୀ ଡମ୍ପିଂୟାର୍ଡ ଧୂଆଁ

ଜଗତ୍‌ସିଂହପୁର ଅଫିସ,୧୭।୫

**ବର୍ଜ୍ୟବସ୍ତୁ ପରିଚାଳନା ଦିଗହରା**
■ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଲଗାଯାଉଛି ନିଆଁ
■ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଚେତାବନୀ
■କଣ୍ଟାବଲ୍ଲଭପୁରରେ ସ୍ଥାୟୀ ଡମ୍ପିଂୟାର୍ଡ କରିବାରେ ବିଳମ୍ବ

ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଫନୀ ବାତ୍ୟା ପରେ ବିଦ୍ୟୁତ୍ ବିଭ୍ରାଟ ଲୋକଙ୍କୁ ଅତିଷ୍ଠ କରିଛି। ଏ ପରିସ୍ଥିତିରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ଇଟାଭାଟି ଓ ଅଳିଆ ଗଦାରେ ନିଆଁ ଲଗାଯିବା ଚିନ୍ତାର କାରଣ ହୋଇଛି। ଜଗତ୍‌ସିଂହପୁର ଜିଲା ସଦର ମହକୁମା ବିଶେଷ କରି ଏସ୍‌ଭିଏମ୍ ମହାବିଦ୍ୟାଳୟ ନିକଟ ଅସ୍ଥାୟୀ ଡମ୍ପିଂୟାର୍ଡରେ ଅଧିକାଂଶ ଦିନ ନିଆଁ ଲଗାଯିବା ଜନ ଅସନ୍ତୋଷର କାରଣ ହୋଇଛି। ପ୍ରବଳ ଧୂଆଁରେ ମହାବିଦ୍ୟାଳୟ ଶୈକ୍ଷିକ ପରିବେଶ ଖରାପ ହେଉଥିବା ଦର୍ଶାଇ ଅନେକ ଛାତ୍ରୀଛାତ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

ଜଗତ୍‌ସିଂହପୁର ଜିଲାରେ ବର୍ଜ୍ୟବସ୍ତୁ ପରିଚାଳନା ଏକ ପ୍ରକାର ଦିଗହରା ହୋଇପଡିଛି। ଜୈବିକ ବର୍ଜ୍ୟବସ୍ତୁଗୁଡିକ ୪୮ ଘଣ୍ଟା ଭିତରେ ନଷ୍ଟ କରିବାକୁ ନିର୍ଦ୍ଦେଶ ଥିଲେ ସୁଦ୍ଧା ତାହା କରାଯାଉନାହିଁ। ଜିଲାର ଏକାଧିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ରେ ଗଦା ଗଦା ବିପଜ୍ଜନକ ବର୍ଜ୍ୟବସ୍ତୁ ପଡ଼ିରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅନୁରୂପ ଭାବେ ଜିଲା ମୁଖ୍ୟାଳୟରେ ଅଳିଆ, ଆବର୍ଜନା ଏଣେତେଣେ ପଡିଛି। କଲେଜ ଛକ (ଏସ୍‌ଭିଏମ୍ ମହାବିଦ୍ୟାଳୟ) ନିକଟ କେନାଲ ଆରପଟେ ଏକ ଅସ୍ଥାୟୀ ଡମ୍ପିଂୟାର୍ଡ ରହିଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ପ୍ରତ୍ୟହ ସହରର ଅଳିଆ ଉକ୍ତ ସ୍ଥାନରେ ପକାଯିବା ସହ ଅନେକ ସମୟରେ ନିଆଁ ଲଗାଇ ଦିଆଯାଉଛି। ଫଳରେ ଆବର୍ଜନାଗୁଡିକ ଦିନସାରା ଜଳୁଛି ଓ ଏଥିରୁ ବାହାରୁଥିବା ଧୂଆଁ ଚାରିଆଡେ ଘୁରିବୁଲୁଛି। ଏଥିଯୋଗୁ ଲୋକେ ଅତିଷ୍ଠ ହୋଇପଡୁଥିଲେ ସୁଦ୍ଧା ନାଚାର। ଏହାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ପଦକ୍ଷେପ ନେଇଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତିକ୍ରମେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସ୍ଥାନୀୟ କଣ୍ଟାବଲ୍ଲଭପୁରଠାରେ ସ୍ଥାୟୀ ଡମ୍ପିଂୟାର୍ଡ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେଠାରେ ସରକାର ୩ ଏକରରୁ ଅଧିକ ଜମି ଯୋଗାଇ ଦେଇଥିଲେ। କିନ୍ତୁ ପାଖାପାଖି ୩ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଡମ୍ପିଂୟାର୍ଡ କାମ ଆରମ୍ଭ ହୋଇନି। ପ୍ରଥମେ ଟେଣ୍ଡର ହୋଇଥିଲେ ସୁଦ୍ଧା ଠିକାଦାର କାମ ନ କରିବାରୁ ଏହା ବାତିଲ କରାଯାଇଥିଲା। ପରେ ପୁନଃ ଟେଣ୍ଡର ହୋଇଥିଲା। ଏହି ପ୍ରକ୍ରିୟା ଶେଷ ହୋଇ ପାଖାପାଖି ୮ ମାସ ତଳେ ଠିକାଦାରଙ୍କୁ ୧୦ ଲକ୍ଷ ୬୪ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ଗ୍ରାମବାସୀ କାମ କରାଇ ଦେଉ ନ ଥିବାରୁ ସେ କିଛି କରିପାରୁ ନ ଥିବା ଲିଖିତ ଭାବେ ଦର୍ଶାଇଛନ୍ତି। ଓଡ଼ିଶା ସରକାରଙ୍କ ଗେଜେଟ୍‌ରେ ଏହି ସ୍ଥାନରେ ଡମ୍ପିଂୟାର୍ଡ କରାଯିବା ଉଲ୍ଲେଖ ଅଛି। ତତ୍କାଳୀନ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏହା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ତାଙ୍କ ବଦଳି ପରେ ନୂଆ ଜିଲାପାଳ ଚିନ୍ତା କରିନାହାନ୍ତି। ନିର୍ବାଚନ ପ୍ରକ୍ରିୟା ସରିଲେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଅନୁରୂପ ଭାବେ ସ୍ୱାସ୍ଥ୍ୟକେନ୍ଦ୍ର ବର୍ଜ୍ୟବସ୍ତୁ ପରିଚାଳନା ଠିକ ହେଉ ନ ଥିବାରୁ ସମସ୍ୟା ବଢୁଛି। ବଡ଼ କଥା ହେଲା ବର୍ଜ୍ୟବସ୍ତୁ ଅଧିକ ଦିନ ରହିଲେ ଦୁର୍ଗନ୍ଧ ହେବା ସହ ସଂକ୍ରମଣ ହେବାର ଆଶଙ୍କା ଥାଏ। ଏଥିଯୋଗୁ ବହୁ ମାରାତ୍ମକ ରୋଗ ଟାଇଫଏଡ୍, କଲେରା, ହେପାଟାଇଟିସ୍ ଏବଂ ଏଡ୍‌ସ ଆଦି ହେବାର ସମ୍ଭାବନା ଥାଏ। ଏସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ଭାବେ ଜୈବ ବର୍ଜ୍ୟବସ୍ତୁ ପରିଚାଳନା କରାଯିବା ଅତ୍ୟନ୍ତ ଜରୁରୀ। କିନ୍ତୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ବର୍ଜ୍ୟବସ୍ତୁ ପରିଚାଳନା ପ୍ରହସନ ପାଲଟିଛି।

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଭେଟିଲେ ଏନ୍‌ସିଡିଏଚ୍‌ଆର୍ ସଦସ୍ୟ

ନାଉଗାଁ,୧୭।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଶିଖର ପଞ୍ଚାୟତର ଅଙ୍ଗେଶ୍ୱରପଡ଼ା ଓ ନୂଆଗାଁ ପଞ୍ଚାୟତ ଖଇରାବସ୍ତରେ ଥିବା ବାତ୍ୟା କ୍ଷତିଗ୍ରସ୍ତ ଦଳିତ ପରିବାରଙ୍କୁ ଗୁରୁବାର ନୂଆ ଦିଲ୍ଲୀସ୍ଥିତ ଏନସିଡିଏଚଆର ସଦସ୍ୟଙ୍କ ସମେତ ଜଗତ୍‌ସିଂହପୁର ଜିଲା ଦଳିତ ବିକାଶ ପରିଷଦର ସଦସ୍ୟମାନେ ଭେଟିଛନ୍ତି। ସେମାନଙ୍କୁ ଠିକ୍ ଭାବେ ରିଲିଫ ଓ ଅନ୍ୟାନ୍ୟ ସହାୟତା ଠିକ୍ ଭାବେ ମିଳୁଛି କି ନାହିଁ ତାହା ପଚାରି ବୁଝିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ବାତ୍ୟା ସମୟରେ ଆଶ୍ରୟସ୍ଥଳୀକୁ ନିଆଯାଇଥିବା ବେଳେ ସେଠାରେ ଠିକ୍ ଭାବେ ଖାଦ୍ୟ ଦିଆଯାଇ ନ ଥିବା ଦଳିତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ସେହିପରି ବାତ୍ୟାର ୧୫ ଦିନ ବିତିଥିଲେ ମଧ ସେମାନଙ୍କୁ ପଲିଥିନ ପ୍ରଦାନ କରାଯାଇନାହିଁ। ଭୂମିହୀନଙ୍କୁ ସରକାରଙ୍କ ତରଫରୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ବଣ୍ଟନ କରାଯାଉଥିଲେ ମଧ ଏହି ବ୍ଲକରେ ଅନେକ ପରିବାର ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ସେମାନେ ସ୍ଥାୟୀ ବାସଗୃହ ନିର୍ମାଣ କରିପାରୁନାହାନ୍ତି। ତେଣୁ ବାତ୍ୟା ସମୟରେ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯଥାଶୀଘ୍ର ସେମାନଙ୍କୁ ଜମିପଟ୍ଟା ଓ ସ୍ଥାୟୀ ବାସଗୃହ ପ୍ରଦାନ କରିବାକୁ ଦାବି କରିଥିଲେ। ଦଳିତ ପରିବାରଙ୍କ ଦାବି ଉପରେ ଏନସିଡିଏଚଆର ସଦସ୍ୟମାନେ ଧ୍ୟାନ ଦେବା ସହ ସେମାନଙ୍କ ମୌଳିକ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନୂଆ ଦିଲ୍ଲୀର ଏନସିଡିଏଚଆର ସଦସ୍ୟ ଲେସିଲ ମାର୍ଟିନ, ମିଷ୍ଟର ରାଫ୍ଟକ, ରାଜ୍ୟ ଆମ୍ବେଡ଼କର ଲୋହିଆ ବିଚାର ମଞ୍ଚ ସଂଯୋଜକ ସଞ୍ଜୟ କୁମାର ମଲିକ, ଦଳିତ ବିକାଶ ପରିଷଦ ଜଗତ୍‌ସିଂହପୁରର ସଭାପତି ଶଙ୍କର ଦାସ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲିକ ପ୍ରମୁଖ ପରିଦର୍ଶନରେ ଆସିଥିଲେ।

## ମାଡ଼ମାରି ଦମ୍ପତିଙ୍କଠାରୁ ଲୁଟ୍

**ଚଣ୍ଡିଖୋଲ,୧୭।୫(ଡି.ଏନ.ଏ.)**- ୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ କଡ଼େଇ ଛକ ନିକଟରେ ଶୁକ୍ରବାର ରାତି ୯ଟାରେ ୨ ଲୁଟେରା ଦମ୍ପତିଙ୍କୁ ମାଡ଼ମାରି ସେମାନଙ୍କଠାରୁ ସୁନାଚେନ୍, ଭ୍ୟାନିଟି ଓ ୨ ମୋବାଇଲ ଲୁଟ୍ କରିଛନ୍ତି। ଲୁଟେରାଙ୍କ ମାଡ଼ରେ ଦମ୍ପତି ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ପ୍ରକାଶ ଯେ, ଭୁବନେଶ୍ୱର ଲିଙ୍ଗରାଜ ଥାନା ନିକଟରେ ରହୁଥିବା ଉପେନ୍ଦ୍ର ନାଥ ସିଂହ ଓ ତାଙ୍କ ସ୍ତ୍ରୀ ନିଜ ଘର ଭଦ୍ରକ ଯାଇଥିଲେ। ଭୁବନେଶ୍ୱରକୁ ଫେରୁଥିବାବେଳେ ୯ଟା ବେଳେ କଡ଼େଇ ଛକ ନିକଟରେ ୨ ଲୁଟେରା ମୋଟରସାଇକେଲ ଯୋଗେ ଆସି ସେମାନଙ୍କୁ ଅଟକାଇଥିଲେ। ପ୍ରଥମେ ସ୍ୱାମୀଙ୍କୁ ମାଡ଼ ମାରିବା ପରେ ସ୍ତ୍ରୀଙ୍କୁ ମାରି ଆହତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଲୁଟେରାଙ୍କ ପରିଚୟ ମିଳିପାରି ନ ଥିବାବେଳେ ଥାନାରେ ମଧ କୌଣସି ଅଭିଯୋଗ ହୋଇନାହିଁ।

# ଅଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

**କୋରେଇ,୧୭।୫(ସ୍ୱ.ପ୍ର.)**

୮ ମାସ ପୂର୍ବରୁ ସ୍ୱାମୀ ଚାଲିଗଲେ। ଘରେ ଏକମାତ୍ର ବେରୋଜଗାରିଆ ପୁଅ ଥିବାରୁ ସରକାରଙ୍କ ବିଧବା ଭତ୍ତା ହିଁ ବଞ୍ଚିବାର ଏକମାତ୍ର ସମ୍ବଳ ଥିଲା। ୨ ମାସ ପୂର୍ବେ ଭତ୍ତା ପାଇଁ ଆସିଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବହି ହଜିଯାଇଥିଲା। ନୂତନ ବହି ଇସ୍ୟୁ ହେବାପରେ ତାଙ୍କୁ ଭତ୍ତା ମିଳିବ ବୋଲି କହି ଅଧିକାରୀମାନେ ବିଧବାଙ୍କୁ ଫେରାଇ ଦେଉଥିଲେ। ମାତ୍ର ପରେ ତାଙ୍କ ଦୁଇ ମାସର ଭତ୍ତା ଟଙ୍କାକୁ ଅନ୍ୟ କେହି ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ପଞ୍ଚାୟତ ଅଧିକାରୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଭଳି ଅଭିଯୋଗ କରିଛନ୍ତି କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ ପଣ୍ଡୁଲା ଗ୍ରାମର ବୃଦ୍ଧା ବାସନ୍ତୀ ରାଉତ। ପ୍ରକାଶ ଯେ, ୨୦୧୮ ଅକ୍ଟୋବରରୁ ସେ ବିଧବା ଭତ୍ତା ପାଇ ଆସୁଥିଲେ। ଗତ ଫେବୃୟାରୀରେ ବାସନ୍ତୀ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଆସିଥିବାବେଳେ ଭତ୍ତା ବହି ସେଠାରେ ହଜିଯାଇଥିଲା। ପରେ ନୂତନ ବହି ଇସ୍ୟୁ କରାଗଲେ ଭତ୍ତା ମିଳିବ ବୋଲି ଅଧିକାରୀମାନେ କହିଥିଲେ। ହେଲେ ୨ ଦିନ ତଳେ ବାସନ୍ତୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ତଦାରଖ କରିବା ପରେ ମାର୍ଚ୍ଚ ଏବଂ ଏପ୍ରିଲ ମାସର ଭତ୍ତା ସେ ପାଇଥିବା ବଣ୍ଟନ ଦାୟିତ୍ୱରେ ଥିବା ଯନ୍ତ୍ରୀ ମୀନା କୁମାରୀ ମହାପାତ୍ର କହିଥିଲେ। ତେବେ ବାସନ୍ତୀ ଭତ୍ତା ନେଇ ନ ଥିବାବେଳେ ସରକାରୀ ଖାତାରେ ତାଙ୍କ ନାମରେ ଟିପଚିହ୍ନ ଦେଇ ଅନ୍ୟକେହି ଟଙ୍କା ଉଠାଇଥିବା ସେ ଅଭିଯୋଗ କରିଥିଲେ। ଏ ନେଇ ବିଡିଓ ନିରଞ୍ଜନ ବେହେରାଙ୍କୁ ଭେଟି ଗୁହାରି କରିବା ପରେ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସେହିପରି ଧନପୁର ଗ୍ରାମର ବାପି ବେହେରା ଓ ପ୍ରାଣକୃଷ୍ଣ ଦଳେଇ ପ୍ରମୁଖ ସମାନ ଅଭିଯୋଗ କରି ସମ୍ପୃକ୍ତ ଅଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି। ଏନେଇ ଯନ୍ତ୍ରୀ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ, ହିତାଧିକାରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ। ୪ ମାସ ହେବ କୋରେଇ ବ୍ଲକରେ ଯୋଗ ଦେଇଥିବାବେଳେ ବାସନ୍ତୀଙ୍କ ଅଗୋଚରରେ ଅନ୍ୟକେହି କିପରି ଭତ୍ତା ନେଲେ, ତାହାର ତଦନ୍ତ କରାଯିବ ବୋଲି କହିଛନ୍ତି। ତେବେ ହିତାଧିକାରୀଙ୍କ ଅଗୋଚରରେ ଅନ୍ୟକେହି ଟିପଚିହ୍ନ ଦେଇ କିପରି ଭତ୍ତା ଉଠାଇଲେ, ସେ ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରା ନ ଗଲେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବାସନ୍ତୀ କହିଛନ୍ତି।

**୨ ମାସ ହେଲା ବିଧବା ଭତ୍ତାରୁ ବଞ୍ଚିତ ହିତାଧିକାରୀ**



ବାସନ୍ତୀ ରାଉତ

■ ସାନି ନିର୍ବାଚନ ପାଇଁ ସରିଲା ପ୍ରଚାର

# ବୁଥ୍ ପରିଦର୍ଶନ କରି ଫେରିଲେ ଏସ୍‌ପି



ଏସ୍‌ପି ଚରଣ ସିଂ ମୀନା ବୁଥ୍ ପରିଦର୍ଶନ କରୁଛନ୍ତି।

**ବିଞ୍ଝାରପୁର,୧୭।୫(ଡି.ଏନ.ଏ.)**

୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୨ଟି ବୁଥ୍‌ରେ ଅନିୟମିତତା ଅଭିଯୋଗ ହୋଇଥିବାରୁ ଆସନ୍ତା ୧୯ରେ ସାନି ନିର୍ବାଚନ ହେବ। ସେ ନେଇ ଶୁକ୍ରବାର ପ୍ରଚାର ଶେଷ ହୋଇଛି। ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ନିଜ ନିଜ ସପକ୍ଷରେ ଜନମତ ସଂଗ୍ରହ କରିବା ପାଇଁ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବୁଥ ନଂ. ୧୩୫ ଓ ୧୯୧ ଅନ୍ତର୍ଗତ ସମସ୍ତ ପରିବାର ନିକଟକୁ ଯାଇ ଭୋଟ୍ ଭିକ୍ଷା କରିଥିବା ଦେଖିବାକୁ ମିଳିଛି। ସୁରକ୍ଷା ଦୃଷ୍ଟିରୁ ଶୁକ୍ରବାର ପୂର୍ବାହ୍ନରେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ବୁଥ୍‌ଦ୍ୱୟ ପରିଦର୍ଶନରେ ଆସି ଫେରିଯାଇଛନ୍ତି। ପ୍ରକାଶ ଥାଉକି, ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ପାଇଁ ୪ର୍ଥ ପର୍ଯ୍ୟାୟ ଏପ୍ରିଲ ୨୯ରେ ମତଦାନ ସଂଗ୍ରହ କରାଯାଇଥିଲା। ହେଲେ ଏହି ନିର୍ବାଚନମଣ୍ଡଳୀର ବୁଥ୍ ନଂ. ୧୩୫ ଓ ୧୯୧ରେ ଅନିୟମିତତା ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜିଲାପାଳ ରଞ୍ଜନ କୁମାର ଦାସ ବୁଥ ନଂ. ୧୩୫ର ପ୍ରିଜାଇଡିଂ ଅଧିକାରୀଙ୍କୁ ନିଲମ୍ବନ କରିବା ସହ ୧୯୧ ନଂ. ବୁଥ୍‌ର ପ୍ରିଜାଇଡିଂ ଅଧିକାରୀଙ୍କୁ ନିଲମ୍ବନ ସହ ଗିରଫ କରିବା ପାଇଁ ଆଦେଶ ଦେଇଥିଲେ।

## ଟ୍ରେନ୍ ଲାଇନରେ କଟି ଯୁବକଙ୍କ ମୃତ୍ୟୁ

**କୋରେଇ,୧୭।୫(ସ୍ୱ.ପ୍ର.)**– କୋରେଇ ରେଳ ଷ୍ଟେଶନର ଅନତିଦୂର ଚାରଦା ଗ୍ରାମ ନିକଟରେ ଶୁକ୍ରବାର ସକାଳୁ ଟ୍ରେନ୍ ଲାଇନ୍‌ରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଦକ୍ଷିଣପୂର୍ବ ରେଳପଥର ଡାଉନ ଲାଇନରୁ ଉକ୍ତ ଯୁବକଙ୍କ ମୃତଦେହ ଭଦ୍ରକ ଜିଆରପି ଉଦ୍ଧାର କରିଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଯୁବକ ଜଣକ ଆତ୍ମହତ୍ୟା କରିଥିବା ନେଇ ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଜିଆରପି କହିଛି।

## ହାଇଲେଭଲ କେନାଲରେ ପାଣି ଛଡ଼ାଯିବାକୁ ଦାବି

**ଧର୍ମଶାଳା,୧୭।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହଯୋଗୁ ନଳକୂପ, ପୋଖରୀ ଜଳସ୍ତର କମିବାରେ ଲାଗିଥିବାବେଳେ ଅଧିକାଂଶ ନଳକୂପ ଅଚଳ ହୋଇପଡିଛି। ଏହି ନିର୍ବାଚନମଣ୍ଡଳୀ ଦେଇ ଯାଇଥିବା ହାଇଲେଭଲ କେନାଲରେ ପାଣି ନ ଥିବା ବେଳେ ବ୍ରାହ୍ମଣୀ, କେଲୁଅ ନଦୀ ଜଳ ମଧ ଶୁଖିବାରେ ଲାଗିଛି। ଏହି କେନାଲ ଉପରେ ପାଣି ପାଇଁ ନିର୍ଭର କରୁଥିବା ଜନସାଧାରଣ ତଥା ଗୃହପାଳିତ ପଶୁ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏତଦ୍‌ବ୍ୟତୀତ ପାହାଡ଼ିଆ ଅଞ୍ଚଳରେ ଥିବା ଶ୍ରମିକ ବସ୍ତିଲୋକେ ପାନୀୟ ଜଳ ପାଇଁ ମଧ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ଏହି ବ୍ଲକର ୪୫ଟି ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରାଭାବିତ ଗ୍ରାମଗୁଡ଼ିକରେ ପାନୀୟ ଜଳ ଟ୍ୟାଙ୍କର ଯୋଗେ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏଥିସହ ହାଇଲେଭୁଲ୍ କେନାଲରେ ତୁରନ୍ତ ପାଣି ଛଡା ଯିବାକୁ ଦାବି ହୋଇଛି। ପଞ୍ଚାୟତ ତରଫରୁ ଜଳଛତ୍ର ଖୋଲାଯାଇ ପଥଚାରୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଅରାବଳ ସରପଞ୍ଚ ନିର୍ମଳ ସାମଲ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି।

# ଭୁଶୁଡ଼ିଲା ନିର୍ମାଣାଧୀନ ପୋଲ

**ଧର୍ମଶାଳା,୧୭।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ହାଇଲେଭଲ କେନାଲର ରାଶୋଳଠାରେ ଶୁକ୍ରବାର ଏକ ପୋଲ ଛାତ ପଡିବାର କିଛି ସମୟ ପରେ ଭୁଶୁଡି ପଡିଛି। ଏଥିରେ କେହି କ୍ଷତାହତ ହୋଇ ନ ଥିବା ଜଣାପଡିଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ପୋଲ ଭୁଶୁଡ଼ି ପଡ଼ିଥିବା ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ପାଣିକୋଇଲି ପୂର୍ତ୍ତବିଭାଗ ଅଧୀନସ୍ଥ ଧର୍ମଶାଳା ସେକଶନ୍ ଦ୍ୱାରା ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ପୋଲଟିର କାମ ଚାଲିଛି। ପୋଲଟି ଛାତପଡିବା ବେଳେ ସେଟ୍ରିଂ କାମ ଦୁର୍ବଳ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ତାହା ଭୁଶୁଡ଼ି ପଡିଥିବା ଚର୍ଚ୍ଚା ହେଉଛି। ପୋଲ କାମ ଚାଲୁଥିବା ବେଳେ ସେଠାରେ ବିଭାଗୀୟ ଯନ୍ତ୍ରୀ ମଧ ଉପସ୍ଥିତ ରହିଥିଲେ। ଯନ୍ତ୍ରୀଙ୍କ ଉପସ୍ଥିତିରେ ନିମ୍ନମାନର କାମ ହୋଇଥିବାରୁ ପୋଲଟି ଭୁଶୁଡ଼ି ପଡ଼ିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।



ନିମ୍ନମାନର କାମ ଯୋଗୁ ଭୁଶୁଡି ପଡ଼ିଥିବା ପୋଲ।




## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ଧର୍ମଶାଳା/ଜେନାପୁର, ୧୭।୫(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ରାଇଛନ୍ଦା ପଞ୍ଚାୟତ ତୋଟାସାହିର ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (୬/୧୯) ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣା ତଦନ୍ତ କରୁଛି। ମୃତକ ଜଣଙ୍କ ବିଷ୍ଣୁ ଚରଣ ମଲ୍ଲ (୪୩)। ପ୍ରକାଶ ଯେ, ଗୁରୁବାର କୌଣସି ଏକ କାମରେ ବିଷ୍ଣୁଚରଣ ଘରୁ ବାହାରକୁ ଯାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ ତାଙ୍କୁ ପାଇ ନ ଥିଲେ। ଶୁକ୍ରବାର ସକାଳେ କବାଟବନ୍ଧ ଗୁରୁବାର ହାଟ ନିକଟସ୍ଥ ବାଉଁଶବୁଦା ମୂଳରେ ବିଷ୍ଣୁଚରଣଙ୍କ ମୃତଦେହ ପଡିଥିବା ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ।

## ରାଜନୈତିକ ଶତ୍ରୁତାରୁ ସଂଘର୍ଷ, ୪ ଗୁରୁତର

**ତିହିଡ଼ି, ୧୭।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ପାଳିଆବିନ୍ଧା ପଞ୍ଚାୟତ ଜିଝାରପୁର ଗ୍ରାମରେ ଗୁରୁବାର ରାତିରେ ୨ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି। ଭୋଟଗ୍ରହଣ ବେଳେ ଉପୁଜିଥିବା ଶତ୍ରୁତାକୁ ନେଇ ଏହି ସଂଘର୍ଷ ଘଟିଥିବା ସୂଚନା ମିଳିଛି। ଉଭୟ ପକ୍ଷରୁ ଶୁକ୍ରବାର ତିହିଡ଼ି ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଭୋଟଗ୍ରହଣ ବେଳେ ଜିଝାରପୁର ଭୋଟଗ୍ରହଣ କେନ୍ଦ୍ରରେ ଏହି ୨ ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ କେନ୍ଦ୍ରକରି ଗୁରୁବାର ରାତିରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଗୋଟିଏ ଦଳର ବାବୁରାମ ମଳିକ, ମାନସ ମଳିକ ଓ ରଜନୀ ମଳିକ ଗୁରୁତର ହୋଇଥିବା ବେଳେ ଅପରପକ୍ଷର ଜଣେ ଯୁବତୀ ଆହତ ହୋଇଛନ୍ତି। ଯୁବତୀ ଜଣଙ୍କ ଭଦ୍ରକ ଓ ଅନ୍ୟ ୩ ଜଣ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ ।
- ଫ୍ରାଙ୍କ୍ଲିନ୍



## ଯାଜପୁର ଜନସ୍ୱାସ୍ଥ୍ୟ ବିଭାଗ

# ୨ ସହରରେ ୨.୩ କୋଟି ଜଳକର ବାକି

**ଯାଜପୁର ଅଫିସ,୧୭।୫**

ଜନସ୍ୱାସ୍ଥ୍ୟ ବିଭାଗ କଟକ ଡିଭିଜନ-୨ ଅନ୍ତର୍ଗତ ଯାଜପୁର ଜିଲାର ବ୍ୟାସନଗର ଓ ଯାଜପୁର ସହରରେ ଗତ ମାର୍ଚ୍ଚ ସୁଦ୍ଧା ୨କୋଟି ୩ଲକ୍ଷ ୬୧ ହଜାର ୮୦୪ ଟଙ୍କା ଜଳକର ବାକି ପଡ଼ିଛି। ଏଥିରୁ ବ୍ୟାସନଗର ସହରରେ ସର୍ବାଧିକ ୧କୋଟି ୩୩ଲକ୍ଷ ୩୪ହଜାର ୧୦୮ ଟଙ୍କା ବାକି ରହିଥିବାବେଳେ ଯାଜପୁର ଟାଉନରେ ୭୦ଲକ୍ଷ ୨୭ ହଜାର ୬୯୬ ଟଙ୍କା ଜଳକର ବାବଦକୁ ଟିକସ ବାକି ରହିଛି। ଏହାବାଦ ବ୍ୟାସନଗର ସହରର ୧୦ରୁ ଊର୍ଦ୍ଧ୍ୱ ୱାର୍ଡ ଅଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ବ୍ୟାସନଗର ପୌରାଞ୍ଚଳରେ ପ୍ରାୟ ଦେଢ଼ ଲକ୍ଷ ଲୋକ ବସବାସ କରୁଛନ୍ତି । ଏଠାରେ ସରକାରୀ ଓ ବେସରକାରୀ ତଥା ବିଭିନ୍ନ ଅନୁଷ୍ଠାନରେ ମୋଟ ୫୨୭୫ଟି ଜଳ ସଂଯୋଗ ହୋଇଛି। ଗତ ୧।୪।୨୦୧୮ ସୁଦ୍ଧା ସହରରେ ୧କୋଟି ୧୧ଲକ୍ଷ ୩୫ହଜାର ୧୫୨ ଟଙ୍କା ବାକି ରହିଥିଲା। ତେବେ ୨୦୧୮-୧୮ ଆର୍ଥିକ ବର୍ଷରେ ୭୧ଲକ୍ଷ ୧ହଜାର ୪୨୭ ଟଙ୍କା ଅସୁଲ କରିବାକୁ ଧାର୍ଯ୍ୟ ହୋଇଥିଲା। ଗତ ଆର୍ଥିକ ବର୍ଷର ବକେୟା ଟଙ୍କାକୁ ମିଶାଇ ସମୁଦାୟ ୧କୋଟି ୮୨ ଲକ୍ଷ ୩୬ ହଜାର ୫୭୯ ଟଙ୍କା ହେଉଥିଲା। ଗତ ମାର୍ଚ୍ଚ ସୁଦ୍ଧା ମାତ୍ର ୪୯ଲକ୍ଷ ୨ହଜାର ୪୭୧ ଟଙ୍କା ଅସୁଲି ହୋଇପାରିଛି। ଫଳରେ ୧,୩୩,୩୪,୧୦୮ ଟଙ୍କା ବାକି ରହିଥିବାବେଳେ ୫୧୯୧ ଜଣ ଘରୋଇ ଉପଭୋକ୍ତାଙ୍କ ନିକଟରେ ସର୍ବାଧିକ ୧,୩୩,୭୩,୬୦୫ ଟଙ୍କା ଧାର୍ଯ୍ୟ ମୁତାବକ ବାକି ରହିଛି। ଅନ୍ୟପକ୍ଷେ ଗତ ୫ବର୍ଷ ମଧ୍ୟରେ ଯାଜପୁର ଜିଲାର ବ୍ୟାସନଗର ଓ ଯାଜପୁର ସହରରେ କେବଳ ଜଳ ଯୋଗାଣ ବାବଦକୁ ନେଇ ପ୍ରାୟ ୫୦କୋଟି ଟଙ୍କା ସରକାର ଖର୍ଚ୍ଚ କରିଥିବେ। ହେଲେ ଏଠାରେ ଜଳଯୋଗାଣ ବ୍ୟବସ୍ଥାରେ ସୁଧାର ଆସିପାରୁ ନାହିଁ। ବିଶେଷ କରି ବ୍ୟାସନଗର ପୌରାଞ୍ଚଳର ୮ଟି ୱାର୍ଡରେ ଖରା ଦିନେ ଜଳ କ୍ଲିଷ୍ଟତା ରହିଛି। ବ୍ୟାସନଗର ପୌରାଞ୍ଚଳରେ ୨୦୧୧ରୁ ଅର୍ବାନ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫର ସ୍ମଲ ଆଣ୍ଡ ମିଡ଼ିୟମ ଟାଉନ (ୟୁଆଇଡିଏସଏମ୍‌ଟି) ଯୋଜନାରେ ୧୪.୫୧କୋଟି ଟଙ୍କା ବ୍ୟୟ ଅଟକଳରେ ଖରସ୍ରୋତା-ମୁଣ୍ଡମାଳା ଟ୍ରିଟମେଣ୍ଟ ପ୍ଲାନ ଆରମ୍ଭ ହୋଇଥିଲା। ଆଜକୁ ୨ମାସ ହେଲା ଏହି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ସତ୍ତ୍ୱେ ଏଯାଏ ଖରସ୍ରୋତା ପ୍ରକଳ୍ପରୁ ଜଳଯୋଗାଣ ହୋଇପାରି ନାହିଁ। ଏହବାଦ ପୁରୁଣା ପାଇପ୍ ବଦଳାଇ ନୂଆ ପାଇବ ବିଛା, ପ୍ରତିବର୍ଷ ରକ୍ଷଣାବେକ୍ଷଣ ଓ ମରାମତି ଆଦି କାର୍ଯ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତଥାପି ସହରରେ ପାଣି ସମସ୍ୟାର ସମାଧାନ କରିବାରେ କାହାରି ଆନ୍ତରିକତା ନ ଥିବା ମନେହେଉଛି। ବ୍ୟାସନଗର ସହରର କହ୍ନେଇପୁର, ଲକ୍ଷ୍ମୀନଗର, ମଧୁସୂଦନନଗର, କାଚହୁଡି ସାହି, ରମ୍ପାସ, ସୋବରା, ମୁଣ୍ଡମାଳ, ଚୂନଭାଟି ପ୍ଲଟ ପ୍ରଭୃତି ଅଞ୍ଚଳରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି । ବିରଜାକ୍ଷେତ୍ର ଭାବେ ପରିଚିତ ଯାଜପୁର ପୌରାଞ୍ଚଳରେ ମଧ୍ୟ ଜଳକର ଆଦାୟ ସନ୍ତୋଷଜନକ ହୋଇପାରି ନାହିଁ । ଏହି ସହରରେ ୧୬୮୧ଟି ଜଳ ସଂଯୋଗ ହୋଇଛି। ୧।୪।୨୦୧୮ ତାରିଖ ସୁଦ୍ଧା ଏଠାରେ ୬୩,୭୪,୬୩୩ ଟଙ୍କା ବାକି ରହିଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ୨୩,୧୪,୬୫୨ ଟଙ୍କା ଆଦାୟ କରିବାକୁ ଧାର୍ଯ୍ୟ ହୋଇଥିଲା । ଏଭଳି ଭାବରେ ବକେୟା ଜଳକରକୁ ମିଶାଇ ମୋଟ ୮୬,୮୯,୨୮୫ ଟଙ୍କା ଆଦାୟ କରିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ୨୦୧୮-୧୯ ଆର୍ଥିକ ବର୍ଷର ଶେଷ ସୁଦ୍ଧା ମାତ୍ର ୧୬,୬୧,୫୮୯ ଟଙ୍କା ଅସୁଲ ହୋଇ ପାରିଥିଲା । ଫଳରେ ୭୦,୨୭,୬୯୬ ଟଙ୍କା ବାକି ପଡ଼ିଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାର ବ୍ୟାସନଗର ଓ ଯାଜପୁର ସହରରେ ପାନୀୟ ଜଳ ଯୋଗାଣ ପାଇଁ ଏକ ଯୋଜନା ପ୍ରସ୍ତୁତ ହୋଇଥିଲା । ଏଥିରେ ଯାଜପୁର ସହର ପାଇଁ ୨୭.୯୧ ଲକ୍ଷ ଟଙ୍କା ଓ ବ୍ୟାସନଗର ସହର ପାଇଁ ୬୨.୬୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଯେଉଁଥିରେ ଉଭୟ ସହର ପାଇଁ ୧୨୦ ଦିନରେ ୭ଟି ଟ୍ୟାଙ୍କର, ହ୍ୟାଣ୍ଡପମ୍ପ ଟ୍ୟୁବୱେଲ, ମରାମତି ଆଦି କ୍ଷେତ୍ରରେ ଖର୍ଚ୍ଚ କରାଯାଉଛି। ପୂର୍ବରୁ ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ଯଦି କାର୍ଯ୍ୟକାରୀ କରାଯାଇ ଥାଆନ୍ତା ତେବେ ଏତେ ପରିମାଣର ଖର୍ଚ୍ଚ କାଟ ହୋଇପାରିଥାନ୍ତା ବୋଲି ମତପ୍ରକାଶ ପାଉଛି । ଏ ସଂକ୍ରାନ୍ତରେ ଜନସ୍ୱାସ୍ଥ୍ୟ ବିଭାଗର ଏସଡିଓ କ୍ଷେତ୍ରମୋହନ ସାହୁଙ୍କୁ ପଚାରିବାରେ, ଜଳକର ଆଦାୟ ସହିତ ସହରର ପାନୀୟ ସମସ୍ୟାର ସମାଧାନ କରିବାକୁ ସବୁପ୍ରକାର ଉଦ୍ୟମ କରାଯାଉଛି ବୋଲି କହିଛନ୍ତି।

**ଯାଜପୁର, ବ୍ୟାସନଗର ସହର**



- ଉଦ୍‌ଘାଟନର ୨ ମାସ ପରେ ବି କାର୍ଯ୍ୟକ୍ଷମ ହେଲାନି ଯୋଡ଼କଡ଼ିଆ ପ୍ରକଳ୍ପ
- ବ୍ୟାସନଗର ସହରର ୧୦ରୁ ଊର୍ଦ୍ଧ୍ୱ ୱାର୍ଡରେ ପାନୀୟ ସମସ୍ୟା ଉତ୍କଟ

## ଟ୍ରାକ୍ଟର ତଳେ ଚାପି ହୋଇ ଯୁବକ ମୃତ

**ରସୁଲପୁର,୧୭।୫(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ଘୋଳପୁର ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଘଟିଥିବା ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ଘୋଳପୁର ଗ୍ରାମର ଭରତ ମଲିକଙ୍କ ବଡ଼ପୁଅ ରଜତ (୨୧)। ପ୍ରକାଶ ଯେ, ଏକ ଟ୍ରାକ୍ଟର ଖରସ୍ରୋତା ନଦୀବନ୍ଧ ଉପର ଦେଇ ହଳ କରିବାକୁ ଯାଉଥିଲା । ଏହି ଗାଁ ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ନଦୀବନ୍ଧ ତଳକୁ ଓଲଟି ପଡ଼ିଥିଲା । ଏହି ସମୟରେ ନଦୀବନ୍ଧ ତଳେ ବସିଥିବା ରଜତ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ । ତାଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ଅନ୍ୟ ସାଙ୍ଗମାନେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ । ମାତ୍ର ରଜତ ଟ୍ରାକ୍ଟର ତଳେ ଚାପି ହୋଇ ରହିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ସାଙ୍ଗଙ୍କ ଉଦ୍ୟମରେ ରଜତଙ୍କୁ ଟ୍ରାକ୍ଟର ତଳୁ ଉଦ୍ଧାର କରାଯାଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା (ନଂ. ୧୪୩/୧୯) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ପୁନଃ ମତଦାନ ପାଇଁ ଭୋଟ ଭିକ୍ଷା ଶେଷ

**ବରୀ,୧୭।୫(ସ୍ୱ.ପ୍ର.):** ବରୀ ନିର୍ବାଚନମଣ୍ଡଳୀରେ ପୁନଃ ମତଦାନ ପାଇଁ ଶୁକ୍ରବାର ଭୋଟ୍ ଭିକ୍ଷା ଶେଷ ହୋଇଛି। ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ, ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଭୋଟ୍ ଭିକ୍ଷା କରୁଥିବାବେଳେ କଂଗ୍ରେସ ଓ ଅନ୍ୟ ପ୍ରାର୍ଥୀମାନେ ଭୋଟ୍ ଭିକ୍ଷା କରି ନ ଥିବା ଜଣାପଡ଼ିଛି। ତେବେ ସାନି ନିର୍ବାଚନରେ ବିଜେଡି ସହ ଭାଜପାର କଡ଼ା ଟକ୍କର ହେବ ବୋଲି ଜଣାପଡ଼ିଛି। ଆସନ୍ତା ୧୯ରେ ହେବାକୁ ଥିବା ପୁନଃ ମତଦାନକୁ ନେଇ ହାରଜିତ୍‌ର ଅଙ୍କକଷା ଆରମ୍ଭ ହୋଇଛି। ଏ ନେଇ ବିଜେଡି ବିଜୟ ଆଶା ରଖିଥିବାବେଳେ ଭାଜପା ପ୍ରାର୍ଥୀ ବିଜୟ ସୁନିଶ୍ଚିତ ବୋଲି କହୁଥିବା ଶୁଣିବାକୁ ମିଳିଛି। ପୁନଃ ମତଦାନକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧିପାଇଛି। ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ବୁଥ୍ ଜବରଦଖଲ ହୋଇଥିବାରୁ ସାନି ନିର୍ବାଚନରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅଲ୍ଲୀପୁର, ବାଲିବିଲି, ଭଅଁରା ପଞ୍ଚାୟତର ୫ଟି ବୁଥ୍‌ରେ ଭୋଟ୍ ଗ୍ରହଣ ହେବ। ବିଜେଡି ପ୍ରାର୍ଥିନୀ ସୁନନ୍ଦା ଶୁକ୍ରବାର ଅଲ୍ଲୀପୁର, ବାଲିବିଲି ପଞ୍ଚାୟତରେ ଘର ଘର ବୁଲି ଭୋଟ୍ ପାଇଁ ନିବେଦନ କରିଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଭୋଟ୍ ଗ୍ରହଣ ପାଇଁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### ଆନ୍ତର୍ଜାତିକ ଆର୍ଟ ଅଫ୍ ଲିଭିଂ ଦିବସ ପାଳିତ

**ଧର୍ମଶାଳା,୧୭।୫(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ଟିକର ସାହିରେ ଶୁକ୍ରବାର ଆନ୍ତର୍ଜାତିକ ଆର୍ଟ ଅଫ ଲିଭିଂର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଖବରଦାତା ଅବିନେଶ୍ୱର ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ଆବାହକ ରାଜଶେଖର ଲାହା, କିଟ୍ ଆଇନ୍ ବିଭାଗ ପକ୍ଷରୁ ଅମରେଶ ଖୁଣ୍ଟିଆ, ଜାରକା ପଞ୍ଚାୟତ ସମିତିସଭ୍ୟ ସୁଦାମ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ଶିକ୍ଷାକୁ ଭିତ୍ତିକରି ଆର୍ଟ ଅଫ ଲିଭିଂ ଥିମ୍ ରହିଛି ବ୍ୟାଗ୍ ଅଫ ହାପିନେସ୍ ଅର୍ଥାତ୍ ଖୁସିର ବ୍ୟାଗ୍। ଏହାର ଅର୍ଥ ସମସ୍ତେ ଖୁସିରେ ରହିବା ଓ ଅନ୍ୟମାନଙ୍କୁ ଖୁସିରେ ରଖିବା। ଚଳିତ ବର୍ଷ ଶତାଧିକ ପିଲା ଓ ଛାତ୍ରୀଛାତ୍ରଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ବୁଝାଯିବା ସହ ଖୁସିର ବ୍ୟାଗ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାର୍ଡ ସଭ୍ୟା ମାମିନା ଦେଉରୀ, ଅଜୟ ଦେଉରୀ, ପୀତାମ୍ବର ସାମଲ, କମଳ ଲୋଚନ ଦାସ ପ୍ରମୁଖ ସହାୟତା କରିଥିଲେ। ସେହିପରି ଜାରକା ନିକଟସ୍ଥ ଦେଉଳି ପ୍ରାଥମିକ ବିଦ୍ୟାଳୟ ପରିସରରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି।

### ସ୍କୁଟିକୁ ଧକ୍କାଦେଲା ଟିପ୍ପର, ୨ ଗୁରୁତର

**ରସୁଲପୁର,୧୭।୫(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର କୁଆଖିଆ-ହରିପୁର ରାସ୍ତା ଗୋବିନ୍ଦପୁର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ସ୍କୁଟି ଓ ଟିପ୍ପର ଚାଳକ ଗୁରୁତର ହୋଇପଡ଼ିଛନ୍ତି। ଉଭୟଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯିବା ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶ ଯେ, ବରୀରୁ କୁଆଖିଆ ଆଡକୁ ଯାଉଥିବା ଏକ ସ୍କୁଟିକୁ ଟିପ୍ପର ଧକ୍କା ଦେଇଥିଲା। ଫଳରେ ସ୍କୁଟିଟି ରାସ୍ତା କଡ଼କୁ ଖସି ପଡିଥିଲା। ଏଥିରେ ସ୍କୁଟି ଚାଳକଙ୍କର ଦୁଇଟି ଯାକ ଗୋଡରେ ଗଭୀର ଆଘାତ ଲାଗିଛି। ସ୍କୁଟି ଚାଳକଙ୍କୁ ବଞ୍ଚାଇବାକୁ ପ୍ରୟାସ କରି ଟିପ୍ପରଟି ରାସ୍ତା ତଳକୁ ଓଲଟି ପଡିବାରୁ ଟିପ୍ପର ଚାଳକ ମଧ୍ୟ ଗୁରୁତର ହୋଇଛନ୍ତି। ଉଭୟ ଚାଳକଙ୍କୁ ଘଟଣାସ୍ଥଳୁ ଉଦ୍ଧାର କରାଯାଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଯାଇଥିଲା। ଟିପ୍ପର ଓ ସ୍କୁଟି ଚାଳକଙ୍କ ପରିଚୟ ମିଳିପାରି ନାହିଁ।

### ଯଜ୍ଞ ଉତ୍ସବ ପୂର୍ଣ୍ଣାହୁତି

**ଜେନାପୁର,୧୭।୫(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ସହାଣିଢ଼ିହ ପଞ୍ଚୟତ ଗୋପାଳ ଲାଲ ଜୀଉଙ୍କ ହରହରି କଠଉଣୀ ମଠ ପରିସରରେ ୫ମ ବାର୍ଷିକ ଯଜ୍ଞ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଗତ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପବିତ୍ର ଉତ୍ସବରେ ବୁଧବାର ଅଙ୍କୁରାରୋପଣ, ମଣ୍ଡଳାଧିବାସ, ଶୁକ୍ଳତ୍ରୟୋଦଶୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର କଳସାଧିବାସ, ସୂର୍ଯ୍ୟପୂଜା, ଗୋ ପୂଜା, ଅଗ୍ନି ସ୍ଥାପନ, ସର୍ବ ଦେବଦେବୀ ଆହୁତି ଗୀତ ଯଜ୍ଞ କାର୍ଯ୍ୟସମାପନ ହୋଇଛି। ଶୁକ୍ରବାର ରୁଦ୍ରାଭିଷେକ, ପୂର୍ଣ୍ଣାହୂତି ଓ ପ୍ରସାଦ ସେବନ ସହିତ ସନ୍ଧ୍ୟାରେ ଅଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଖଣିରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମକୁ ବେଖାତିର

# ରାସ୍ତାରୋକୋ କଲା ଟ୍ରକ୍ ମାଲିକ ସଂଘ

**ସୁକିନ୍ଦା,୧୭।୫(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ କାଳିଆପାଣି ଖଣି କ୍ରୋମ୍ ଉପତ୍ୟକାରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମକୁ ବେଖାତିର କରାଯାଉଛି। ଏହାର ପ୍ରତିବାଦରେ ଶୁକ୍ରବାର କୁହିକା ହାଟ ଛକଠାରେ ସ୍ଥାନୀୟ ଅଞ୍ଚଳର ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ଫଳରେ ସେଠାରେ ଟ୍ରକ୍‌ଗୁଡ଼ିକର ଏକ ଲମ୍ବାଲାଇନ ଲାଗିଥିଲା। ଦୀର୍ଘ ସମୟ ଧରି ଧାରଣା ଜାରି ରହିଥିଲେ ମଧ୍ୟ ଧାରଣାସ୍ଥଳକୁ କୌଣସି ପଦାଧିକାରୀ ଆସି ନ ଥିଲେ। ଖବର ପାଇ ସୁକିନ୍ଦା ଥାନା ଏଏସ୍ଆଇ ନୃସିଂହ ଚରଣ ମହାନ୍ତି ପହଞ୍ଚିଥିଲେ। ସୁରକ୍ଷା ଦୃଷ୍ଟିରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସନ୍ଧ୍ୟାରେ ସୁକିନ୍ଦା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨୫ରୁ ୨୬ ତାରିଖ ମଧ୍ୟରେ କିଙ୍ଗନଗର ଅତିରିକ୍ତ ଜିଲାପାଳ, ଅତିରିକ୍ତ ଏସ୍‌ପି ଓ କାଳିଆପାଣି ଆଇଆଇସି, ସୁକିନ୍ଦା ତହସିଲଦାରଙ୍କ ସହିତ ସୁକିନ୍ଦା ଆଇଆଇସି ନିଜେ ରହି ସମାଧାନର ବୈଠକ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, କାଳିଆପାଣି କ୍ରୋମ୍ ଉପତ୍ୟକାରେ ଏକାଧିକ କମ୍ପାନୀ କ୍ରୋମ୍ ଉତ୍ତୋଳନ କରି ଟ୍ରକ୍ ମାଧ୍ୟମରେ କ୍ରମାଇଟଗୁଡ଼ିକୁ ବିଭିନ୍ନ ଯାଗାକୁ ରପ୍ତାନି କରି ଆସୁଛନ୍ତି। କ୍ରୋମ୍ ଲୋଡିଂବେଳେ ଖଣିରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା କରାଯିବା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ହେଲେ କେତେଜଣ ଟ୍ରକ୍‌ମାଲିକ ଜୋର୍‌ଜବରଦସ୍ତ ନିଜର ଟ୍ରକ୍‌କୁ ଲୋଡିଂ କରୁଛନ୍ତି। ଫଳରେ କୁହିକାରେ ଥିବା ସୁକିନ୍ଦା କ୍ରୋମାଇଟ ଖଣି ଟ୍ରକ୍ ମାଲିକ ସଂଘ ଅଧୀନରେ ଥିବା ଟ୍ରକ୍‌ଗୁଡିକ ଅଧିକାଂଶ ସମୟରେ ଲୋଡିଂରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ନିକଟରେ କୁହିକା ସଂଘର ନୂତନ ଟ୍ରକ୍‌ଗୁଡ଼ିକ ପଞ୍ଜୀକୃତ ହୋଇ ଲୋଡିଂ ପାଇଁ ଖଣିକୁ ଯାଇଥିବାବେଳେ ଲୋଡିଂ କରିବାକୁ ଦିଆଯାଇ ନ ଥିଲା। ଏ ନେଇ ବୁଧବାର ଟ୍ରକ୍ ମାଲିକ ସଂଘ ପକ୍ଷରୁ କାଳିଆପାଣ ଥାନା ଆଇଆଇସି ରମାକାନ୍ତ ମୁଦୁଲି, ସୁକିନ୍ଦା ଥାନା ଆଇଆଇସିଙ୍କ ସହ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜ କିଶୋର ଦୋରାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହେଲେ କୌଣସି ସୁଫଳ ମିଳି ପାରି ନ ଥିବା କହିଛନ୍ତି। ଟ୍ରକ୍ ମାଲିକ ସଂଘର ସମ୍ପାଦକ ଅରୁଣ କୁମାର ପରିଡ଼ା, ଉପସଭାପତି ରଞ୍ଜନ କୁମାର ନାୟକ, ଉଦୟନାଥ ମହାକୁଡ, ନାରାୟଣ ବେହେରା, ମନୋଜ କୁମାର ନାୟକ, ବିଜୟ କୁମାର ମହାପାତ୍ର, ବଳରାମ ପ୍ରଧାନ, ସନ୍ତୋଷ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ ପ୍ରତିବାଦରେ ସାମିଲ ହୋଇଥିଲେ।



ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ ରାସ୍ତାରୋକୋ କରୁଛନ୍ତି।

## ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

## ୧୨ହଜାର ଟଙ୍କା ଜରିମାନା ଆଦାୟ

**ରସୁଲପୁର,୧୭।୫(ଡିଏନଏ)**

ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଗୁରୁବାର ରାତିରେ ୨ଟି ବାଲି ଓ ଗୋଟିଏ ଚିପ୍ସ ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଗୋଟିଏ ବାଲି ଓ ଚିପ୍ସ ବୋଝେଇ ଟ୍ରାକ୍ଟରଠାରୁ ୧୨ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଅନ୍ୟ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଖସି ପଳାଇଥିଲା। କସ୍ବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ କଲଣ ପଞ୍ଚାୟତର ବ୍ରାହ୍ମଣୀ ନଦୀ ନୂଆହାଟ ଘାଟରୁ ବେଆଇନ ବାଲି ବୋଝେଇ କରି ଆସୁଥିବା ନଥୁଆବର ପଞ୍ଚାୟତ ଟାକୁଆଠେଙ୍କ ଗ୍ରାମର ଟ୍ରାକ୍ଟରକୁ ତହସିଲଦାର ଜବତ କରିଥିଲେ । ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ ଟାକ୍ଟର ସହ ଆସୁଥିବା ବେଳେ ଟ୍ରାକ୍ଟର ମାଲିକ ଗାଡିର ରାସ୍ତା ବଦଳାଇ ଗାଁ ଭିତରକୁ ଚାଲିଯାଇଥିଲେ। ତହସିଲକୁ ଆଣିବାକୁ ରୋକଠୋକ୍ ମନା କରିଦେଇଥିଲେ । ଏ ସମ୍ପର୍କରେ ତହସିଲଦାର କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଟ୍ରାକ୍ଟର ମାଲିକଙ୍କୁ ଥାନାରେ ହାଜର ହେବାକୁ ମହଲତ ଦେଇଥିଲେ। ମାତ୍ର ମାଲିକ ଥାନାରେ ପହଞ୍ଚି ନ ଥିବା ଜଣାପଡ଼ିଛି। ପୋଲିସ ତଦନ୍ତ ଜାରି ରହିଛି।

# ଫନୀ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଦାବି

**ଡୁବୁରୀ,୧୭।୫(ଡି.ଏନ୍.ଏ.)**

ଫନୀ ପ୍ରଭାବରେ ଡୁବୁରୀ ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କୁ ଅଦ୍ୟାବଧି ସହାୟତା ମିଳିପାରି ନାହିଁ। ଏ ନେଇ କ୍ଷତିଗ୍ରସ୍ତଲୋକେ ଶୁକ୍ରବାର ସୁକିନ୍ଦା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ଫନୀ ପ୍ରଭାବରେ ଡୁବୁରୀ ଅଞ୍ଚଳର କେତେକଜଣଙ୍କ ଘର ଆଂଶିକ ଓ ଅନ୍ୟ କେତେଜଣଙ୍କ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବାତ୍ୟାରେ ଗଛ ଡାଳ ପଡି ଗ୍ରାମର ଜଣେ ଆହତ ହୋଇଥିଲେ। ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ହେଲେ ବିଭାଗ ପକ୍ଷରୁ ମାତ୍ର ୫ରୁ ୭ ଜଣଙ୍କୁ ପାଲ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥିଲେ ମଧ୍ୟ ସମସ୍ତ କ୍ଷତିଗ୍ରସ୍ତ ଓ ଆହତ ବ୍ୟକ୍ତିଙ୍କୁ ଅଦ୍ୟାବଧି କୌଣସି ସରକାରୀ ସହାୟତା ଯୋଗାଇ ଦିଆଯାଇ ନ ଥିବା ରୁକ୍ମିଣୀ ନାୟକ, ଜୟନ୍ତୀ ଦଳେଇ, ପଦ୍ମା ନାୟକ, ହାଡିବନ୍ଧୁ ନାୟକ, କୁଶିଆ ନାୟକ, ଘନ ନାୟକ, କୁନୀ ନାୟକଙ୍କ ସମେତ ବହୁ ଲୋକ ଅଭିଯୋଗ କରିଛନ୍ତି।



ଫନୀ ପ୍ରଭାବିତ ଗ୍ରାମବାସୀ।

## ସ୍ୱାସ୍ଥ୍ୟସେବା ପାଇଁ ହାତ ବଢ଼ାଇଲା ଓଏମ୍‌ବିଏଡିସି

# ଭିତ୍ତିଭୂମିର ବିକାଶ ପାଇଁ ୮୦.୬୮ କୋଟି ମଞ୍ଜୁର

**ଯାଜପୁର ଅଫିସ,୧୭।୫**

**ଯାଜପୁରରୋଡ ସିଏଚ୍‌ସିକୁ ଉପେକ୍ଷା**

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅନେକ ଆବିଷ୍କାର ହୋଇଛି। ଏଥିପାଇଁ ଆଜିକାଲି ବହୁ ଜଟିଳ ରୋଗର ଚିକିତ୍ସା ସମ୍ଭବ ହୋଇପାରୁଛି। କିନ୍ତୁ ଯେତେ ଯାହା ହେଲେ ବି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଯାଜପୁର ଜିଲାବାସୀଙ୍କ ପାଇଁ ରୋଗ ସମସ୍ୟା ଚିର ସହଚର ହୋଇଛି। ଖଣି, ପଥର ଖାଦାନ, କ୍ରସର, ଶିଳ୍ପ, ସହରର ଆବର୍ଜନା ବିଭିନ୍ନ ରୋଗ ବୃଦ୍ଧି ପାଇଁ ଯେତିକି ସମସ୍ୟା ହୋଇଛି ତା'ଠାରୁ ଅଧିକ ସମସ୍ୟା ସାଜିଛି ଆଭ୍ୟନ୍ତରୀଣ ଅଞ୍ଚଳରେ ଅନ୍ଧବିଶ୍ୱାସ। ଏହାକୁ ଦୃଷ୍ଟିରେ ରଖି ଓଏମବିଏଡିସି (ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପକ୍ଷରୁ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ବିକାଶ ପାଇଁ ମୋଟ ୮୦ କୋଟି ୬୮ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ଆରଡି(ଗ୍ରାମ୍ୟ ନିର୍ମାଣ) ବିଭାଗକୁ ୭୦.୩୬ କୋଟି ଓ ପୂର୍ତ୍ତ ବିଭାଗକୁ ୧୦.୩୨ କୋଟି ଟଙ୍କା ଅନୁଦାନ ମିଳିଛି । ଏହି ମର୍ମରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନ୍ୟାଶନାଲ ହେଲ୍‌ଥ ମିଶନ (ଏନଏଚଏମ) ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ଆରଡି ଓ ପୂର୍ତ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରକଳ୍ପର ତାଲିକା ଓ ଅନୁଦାନ ସମ୍ବନ୍ଧରେ ସୂଚନା ଦେବା ସହ ତୁରନ୍ତ କାର୍ଯ୍ୟାନ୍ୱୟ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଖଣି ଓ ଶିଳ୍ପାଞ୍ଚଳର ଲକ୍ଷାଧିକ ଲୋକ ନିର୍ଭର କରୁଥିବା ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶକୁ ଉପେକ୍ଷା କରାଯାଇଥିବା ତାଲିକାରୁ ମନେ ହେଉଥିବା କୁହାଯାଉଛି। ଯାଜପୁର ଜିଲାର ଦୁର୍ଗମ କାଳିଆପାଣି, ସୁକିନ୍ଦା, ଟମକା, କବାଟବନ୍ଧ, ବିଞ୍ଝାରପୁର, ବାଲିଚନ୍ଦ୍ରପୁର, ବରୀ ଆଦି ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ଯାଜପୁର ସଦର ଡାକ୍ତରଖାନା କିମ୍ବା କଟକ ବଡ ମେଡିକାଲ ଉପରେ ନିର୍ଭର କରନ୍ତି। ମାତ୍ର ଏହି ଜିଲାର ମୁଖ୍ୟ ଚିକିତ୍ସାଳୟ ସମେତ ଗ୍ରାମାଞ୍ଚଳର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ନ କହିବା ଭଲ। ଡାକ୍ତର ନାହାନ୍ତି, ଶଯ୍ୟା ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ନାହିଁ, କେତେକ ସ୍ଥଳେ ଯନ୍ତ୍ରପାତି ଅଛି ହେଲେ କାମକୁ ନାହିଁ ଆଦି ଲୋକଙ୍କ ଘନ ଘନ ଅଭିଯୋଗ ଶୁଣିବାକୁ ମିଳୁଛି। ଯାହା ପାଖରେ ଟଙ୍କା ଅଛି ସେମାନେ କଟକ, ଭୁବନେଶ୍ୱର ଆଦି ସ୍ଥାନକୁ ଯାଇ ଚିକିତ୍ସିତ ହେଉଛନ୍ତି। କିନ୍ତୁ ଯେଉଁମାନେ ସର୍ବହରା ସେମାନେ ଭାଗ୍ୟକୁ ଆଦରି ଏହିଠାରେ ପଡି ରୁହନ୍ତି। ଅବସ୍ଥା ଗୁରୁତର ହେଲେ ବାଧ ହୋଇ ଅନ୍ୟତ୍ର ଯାଇ ଚିକିତ୍ସିତ ହେଉଛନ୍ତି। ନଚେତ ଘରୋଇ ନର୍ସିଂହୋମରେ ଭର୍ତ୍ତି ହୋଇ ଲୁଣ୍ଠିତ ହେଉଛନ୍ତି। ଏହିକ୍ରମରେ ଜିଲାର ରୋଗୀଙ୍କ ପାଇଁ ଓଏମ୍‌ବିଏଡିସିର ଅନୁଦାନକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କେତେଦୂର କାର୍ଯ୍ୟକାରୀ କରୁଛନ୍ତି ତାହା ସମୟ ହିଁ କହିବ। ତେବେ ଅନୁଦାନ ଅନୁସାରେ ପୂର୍ତ୍ତ ବିଭାଗର ତାଲିକା ମିଳି ପାରି ନ ଥିଲେ ହେଁ ଆରଡି ବିଭାଗର ତାଲିକା ଅନୁସାରେ ୧୫୧ଟି ସବସେଣ୍ଟର ନିର୍ମାଣ ପାଇଁ ୪୯.୮୩ କୋଟି ଟଙ୍କା ବ୍ୟୟଅଟକଳ ରଖାଯାଇଛି। ଏହାବାଦ ସୁକିନ୍ଦା ଓ ଦାନଗଦୀ ସିଏଚସିର ଭିତ୍ତିଭୂମି ବିକାଶ ପାଇଁ ୬.୫୦ କୋଟି, ଯାଜପୁରରୋଡ ସିଏଚସି ପାଇଁ ମାତ୍ର ୧୦ ଲକ୍ଷ ଟଙ୍କା, ବଡଚଣା ସିଏଚସି ପାଇଁ ୫୦ ଲକ୍ଷ, ବରୀ ସିଏଚସି ପାଇଁ ୧.୫୦ କୋଟି, ଧର୍ମଶାଳା ସିଏଚସି ପାଇଁ ୧ କୋଟି, ମାର୍କଣ୍ଡପୁର ସିଏଚସି ପାଇଁ ୧ କୋଟି, ଚଣ୍ଡିଖୋଲରେ ଦୁର୍ଘଟଣା ୟୁନିଟ ପାଇଁ ୨୦ ଲକ୍ଷ, ହାତୀବାରି ପିଏଚସି ପାଇଁ ୩୦ ଲକ୍ଷ, ଗୋପାଳପୁର ଏଏଚ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସେହିପରି ଡୁବୁରୀ ପିଏଚସି ପାଇଁ ୨୦ ଲକ୍ଷ, କୁହିକା ପିଏଚସି ପାଇଁ ୨୦ ଲକ୍ଷ, ୯ଟି ସବସେଣ୍ଟରର ନବୀକରଣ ପାଇଁ ୪୫ ଲକ୍ଷ, ଯଖପୁରା ପିଏଚସି ପାଇଁ ୧୦ ଲକ୍ଷ, ଗୋବର୍ଦ୍ଧନପୁର ପିଏଚସି ପାଇଁ ୩୦ ଲକ୍ଷ, ବାରଖାଇ ପିଏଚସି ପାଇଁ ୧୦ ଲକ୍ଷ, ରାବଣା ପିଏଚସି ଉନ୍ନତିକରଣ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟଅଟକଳ ହୋଇଛି । ଏହାସହ ଗୋବର୍ଦ୍ଧନପୁର, କୃଷ୍ଣନଗର, ଜରି, ପ୍ରୀତିପୁର, କାନ୍ତିପୁର, କୟାଁଗୋଲା, ହରିଦାଶପୁର, ବରୁଆଁ, ସୁଜନପୁର, ରାମଚନ୍ଦ୍ରପୁର ଓ ଦୁଲାଖାପାଟଣା ନୂତନ ପିଏଚସି ଗୃହ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ ଅଟକଳ ହୋଇଛି। ଏହାବାଦ କବାଟବନ୍ଧରେ ପିଏଚସିରେ ଲେବର ରୁମ ପାଇଁ ୨୩ ଲକ୍ଷ ଟଙ୍କା ସମେତ ପ୍ରଭୃତି ପ୍ରକଳ୍ପ ରହିଛି । ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିଛିଟା ସୁଧାର ଆସିବ ବୋଲି ମତପ୍ରକାଶ ପାଇଛି ।



## ବାଇକ୍-ସ୍କୁଟି ମୁହାଁମୁହିଁ, ୨ ଗୁରୁତର

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୭।୫ (ଡି.ଏନ.ଏ./ସ୍ୱ.ପ୍ର.)**

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲ ବନ୍ଧର ବାହାଦୁରନଗର ଛକ ନିକଟରେ ଶୁକ୍ରବାର ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାହାଦୁରନଗର ଗ୍ରାମର ଦୁର୍ଲଭ ଚନ୍ଦ୍ର ମହାରଣା(୫୧) ଓ କଳାଶ୍ରୀ ଗ୍ରାମର ସେକ୍ ଫଜିଲ ରହିମ(୬୦)। ଦୁର୍ଲଭ ଅପରାହ୍ନରେ ଘରୁ ମୋଟରସାଇକେଲ ଯୋଗେ ଆସୁଥିଲେ। ଫଜିଲ ବାହାଦୁରନଗର ଛକ ଗଡ଼ାଣିରେ ଆସୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଦୁଇଟି ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁହେଁ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ନଡ଼ିଆସାହାସପୁର ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଫଜିଲଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ।



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ ।
- ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### ଜଙ୍ଗଲରେ ନିଆଁ, ଗ୍ରାମବାସୀ ଲିଭାଇଲେ

**ପୁରୀ ଅଫିସ,୧୭।୫:** ପୁରୀ-କୋଣାର୍କ ରାସ୍ତା ପାର୍ଶ୍ୱ ବାଲିଘାଟ ନିକଟ ଜଙ୍ଗଲରେ ଶୁକ୍ରବାର ପୂର୍ବାହ୍ନରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଏହା ଦେଖି ତୁରନ୍ତ ଅଗ୍ନିଶମ କର୍ମଚାରୀ ଏବଂ ବନ ବିଭାଗକୁ ଖବର ଦେବା ସହ ନିଆଁ ଲିଭାଇବା କାମରେ ଲାଗିପଡ଼ିଥିଲେ। ବନ ବିଭାଗ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗ୍ରାମବାସୀ ନିଆଁ ଲିଭାଇ ଦେଇଥିଲେ। ତେବେ ଜଙ୍ଗଲରେ ନିଆଁ କିଭଳି ଲାଗିଲା ତାହା ସ୍ପଷ୍ଟ ଜଣାପଡ଼ିନାହିଁ। କେହି ବିଡ଼ି କିମ୍ବା ସିଗାରେଟ୍ ଟାଣି ପକାଇ ଦେଇଥିବାରୁ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ସେହିପରି ବର୍ତ୍ତମାନ ପ୍ରବଳ ଖରା ତାତି ଯୋଗୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ବାତ୍ୟାରେ ବାଲୁଖଣ୍ଡ ଅଭୟାରଣ୍ୟ ଉଜୁଡ଼ିଯାଇଛି। ଶୁଖିଲାପତ୍ର ଏବଂ ଡାଳ ଭାଙ୍ଗି ତଳେ ପଡ଼ିଛି। ତେଣୁ ନିଆଁ ଲାଗିବା ଆଶଙ୍କା ରହିଛି। ଏ ଦିଗରେ ବନ ବିଭାଗ ଏବଂ ଜନସାଧାରଣ ସତର୍କତା ଅବଲମ୍ବନ କରିବା ଦରକାର ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

### ଭାଗବତ ଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

**ରଣପୁର,୧୭।୫ (ସ୍ୱ.ପ୍ର.):** ରଣପୁର ବ୍ଲକ ଓଡପଲା ଗ୍ରାମରେ ଶ୍ରୀ ଶ୍ରୀ ଭାଗବତ ଦେବଙ୍କ ୬୫ତମ ବାର୍ଷିକ ବିଶ୍ୱାଶାନ୍ତି ମହାଯଜ୍ଞ ଓ ମେଳା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଗ୍ରାମବାସୀ ନିକଟସ୍ଥ ନଦୀରୁ ୧୦୮ କଳସରେ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଷୋଡଶ ଉପଚାର ପୂଜା, ଶପ୍ତସତୀ ଚଣ୍ଡୀ ଆହୂତି ସହ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଦୁଇଦିନ ଧରି ଗ୍ରାମରେ ନାମ ସଂକୀର୍ତ୍ତନ ସହିତ ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷ ଦିନରେ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଯୋଗ ଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

### ଭୋଟ ଗଣତି ପାଇଁ ଦିଆଗଲା ତାଲିମ

**ପୁରୀ ଅଫିସ,୧୭।୫:** ଆସନ୍ତା ୨୩ ତାରିଖରେ ଭୋଟ ଗଣତି । ଏଥିପାଇଁ ଶୁକ୍ରବାର କାଉଣ୍ଟିଂ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଅପରାହ୍ନରେ ସଦ୍‌ଭାବନା ସଭାଗୃହରେ ଜିଲାପାଳ ବଲୱନ୍ତ ସିଂ ଏହି ପ୍ରଶିକ୍ଷଣ ଦେଇଛନ୍ତି। ଗଣତି କିପରି ହେବ ସେ ନେଇ ସୁପରଭାଇଜର ଏବଂ ଗଣତି ସମୟରେ ଉପସ୍ଥିତ ରହିବାକୁ ଥିବା ବିଡିଓ, ତହସିଲଦାରଙ୍କୁ ତାଲିମ ଦିଆଯାଇଛି। ଏହି ସମୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ଉପସ୍ଥିତ ଥିଲେ। ସୂଚନାଥାଉ କି, ଗତ ମାସରେ ନିର୍ବାଚନ ଶେଷ ହେବା ପରେ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଇଭିଏମ୍ ରହିଛି। ଆସନ୍ତା ୧୯ ତାରିଖରେ ପୁରୀ ଜିଲାର ୩ଟି ବୁଥ୍‌ରେ ସାନି ମତଦାନ ହେବ। ଏହି ୩ଟି ହେଉଛି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ୨୨୨ ନଂ. କମାଶାସନ, ବାଘମୁଣ୍ଡାର ୬୨ନଂ. ବୁଥ୍ ଏବଂ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୀରକେଶରୀପୁର ବଳଭଦ୍ରପୁର ନୋଡାଲ ୟୁପି ସ୍କୁଲର ୬୮ନଂ. ବୁଥ୍ ।

■ ଭିନ୍ନକ୍ଷମ ବୃଦ୍ଧଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ୮ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ରଣପୁର,୧୭।୫ (ସ୍ୱ.ପ୍ର.)**

ଥାନାରେ ଅଭିଯୋଗ ହେବା ପରେ ପୋଲିସ ତୁରନ୍ତ ଏହାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ରହିଛି। ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଆକ୍ରମଣର ଶିକାର ହୋଇଥିବା ଜଣେ ଭିନ୍ନକ୍ଷମ ବୃଦ୍ଧ ପୋଲିସଠାରୁ ନ୍ୟାୟ ନ ପାଇ କୋର୍ଟଙ୍କ ଆଶ୍ରୟ ନେଇଥିଲେ। କୋର୍ଟ ନିର୍ଦ୍ଦେଶରେ ଥାନାରେ ମାମଲା ରୁଜୁ ହେବାର ୮ମାସ ପରେ ବି ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

ଅଭିଯୋଗରୁ ପ୍ରକାଶ ଯେ, ଚାନ୍ଦପୁର ଥାନା ରାଜଜଙ୍କିଆ ଗ୍ରାମର ୪୦ ପରିବାର ରଜକ ଶ୍ରେଣୀର। ଗ୍ରାମରେ ଥିବା ସରକାରୀ ଜାଗା ସମସ୍ତେ ବ୍ୟବହାର କରୁଥିଲା ବେଳେ ଭିନ୍ନକ୍ଷମ ଜୟ ସେଠୀ (୮୫) ଗୋଟିଏ ସ୍ଥାନରେ ଗୋବର ପକାଇ



ଭିନ୍ନକ୍ଷମ ଜୟ ସେଠୀ।

ଖତଗଦା କରିଥିଲେ। କିନ୍ତୁ ଏହା ନ କରିବା ପାଇଁ ଗ୍ରାମର କିଛି ଲୋକ ତାଙ୍କୁ କହିଥିଲେ। ଅନ୍ୟମାନେ ଖତଗଦା କରିଥିବାରୁ ସେ କାହିଁକି କରିବେନି ବୋଲି ଜୟ କହିଥିଲେ। ଏହାକୁ ନେଇ ଜୟ ଓ ଗ୍ରାମର କେତେଜଣ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଗ୍ରାମର ନଅ ଜଣ ଲୋକ ସଂଘବଦ୍ଧ ଭାବେ ଗତ ୯।୯।୨୦୧୮ରେ ଜୟଙ୍କ ଘରେ ପଶି

**କୋର୍ଟଙ୍କ ନିର୍ଦ୍ଦେଶରେ ଥାନାରେ ରୁଜୁ ହୋଇଛି ମାମଲା**

ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଜୟ ଗୁରୁତର ହୋଇ ପ୍ରଥମେ ଚାନ୍ଦପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସେଠାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଜୟ ଚାନ୍ଦପୁର ଥାନାରେ ନଅଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏକମାସ ପରେ ବି ପୋଲିସ ଅଭିଯୁକ୍ତମାନଙ୍କୁ ଡାକି ନ ଥିଲେ କି କୌଣସି ମାମଲା ରୁଜୁ କରି ନ ଥିଲେ। ବାରମ୍ବାର ଜୟ ଥାନାକୁ ଦୌଡି ନିରାଶ ହୋଇଥିଲେ। ଶେଷରେ ସେ ଓକିଲଙ୍କ ମାଧ୍ୟମରେ ୧।୧୦।୨୦୧୮ ତାରିଖରେ ରଣପୁର କୋର୍ଟରେ ରାଜଜଙ୍କିଆ ଗ୍ରାମର ବଳରାମ ସେଠୀ, ତପନ ସେଠୀ, ଲିଟୁନା ସେଠୀ, ମଣ୍ଟୁ ସେଠୀ, କାହ୍ନୁ ସେଠୀ, ଅଶୋକ ସେଠୀ, ବେଣୁଧର ସେଠୀ, ସାଗର ସେଠୀ, ସୁକାନ୍ତ ସେଠୀଙ୍କ ନାମରେ ଆଇ.ସି.ସି. ନମ୍ବର ୪୪/୧୮ରେ ଅଭିଯୋଗ କରିଥିଲେ। ଏହାକୁ ବିଚାର କରି ବିଚାରପତି ଚାନ୍ଦପୁର ଥାନାକୁ ତୁରନ୍ତ ମାମଲା ରୁଜୁ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଚାନ୍ଦପୁର ଥାନାରେ ୧୩୨/୧।୧୦।୨୦୧୮ରେ ଏହି ନଅ ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିଲା। ଇତିମଧ୍ୟରେ ଆଠମାସ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବା ଦୂରର କଥା ଏପରି କି ଡାକି ପଚରାଉଚରା କରିନାହିଁ। ଘଟଣାକୁ ନେଇ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ଏକ ଘରିକିଆ କରିବାକୁ ଯୋଜନା କରୁଥିବା ଜୟ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀଙ୍କୁ ପଚାରିବାରୁ ସେ କହିଥିଲେ, ଏହି ମାମଲା କ'ଣ ହୋଇଛି ମୁଁ ତାହା ଦେଖି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।

## ଗୋଲାପୋଖରୀ ଗ୍ରାମବାସୀଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ



ରିଲିଫ ସାମଗ୍ରୀ ନେଇ ଫେରୁଛନ୍ତି ଗ୍ରାମବାସୀ।

**ଖଣ୍ଡପଡ଼ା,୧୭।୫(ସ୍ୱ.ପ୍ର.)**

ଫନୀ ବାତ୍ୟା ପ୍ରଭାବରେ ସୁନାମୁହିଁ ନାଳରେ ଜଳସ୍ତର ବୃଦ୍ଧି ଯୋଗୁ ଖଣ୍ଡପଡା ଏନ୍‌ଏସି ଅଧୀନ ୧୨ନଂ. ୱାର୍ଡର ଗୋଲାପୋଖରୀ ଗ୍ରାମଟି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥିଲା। ଫଳରେ ଗ୍ରାମରେ ବସବାସ କରୁଥିବା ଆଦିବାସୀ ପରିବାରଗୁଡିକ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୁନାମୁହିଁ ନାଳରେ ଜଳସ୍ତର ହ୍ରାସ ପାଇବା ପରେ ଏନ୍‌ଏସି ପକ୍ଷରୁ ଗ୍ରାମବାସୀଙ୍କୁ ଚୁଡା, ଚାଉଳ, ବିସ୍କୁଟ୍, ମହମବତି ଓ ମଶାଧୂପ ଆଦି ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ସୁନାମୁହିଁ ନାଳ ନିକଟରେ ପହଞ୍ଚି ଗ୍ରାମବାସୀଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ।

# ଫନୀ ପ୍ରଭାବ: କ୍ଷେତ୍ରବାସୀ ଡିଏଭି କଲେଜ ଧ୍ୱସ୍ତବିଧ୍ୱସ୍ତ

■ ୧୪ ଦିନ ପରେ ମଧ୍ୟ ପରିସ୍ଥିତିରେ ଆସିନି ସୁଧାର



ବିପର୍ଯ୍ୟସ୍ତ ଅବସ୍ଥାରେ କ୍ଷେତ୍ରବାସୀ ଡିଏଭି ବିଜ୍ଞାନ ମହାବିଦ୍ୟାଳୟ।

**ନିରାକାରପୁର,୧୭।୫(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ପୁରାତନ କ୍ଷେତ୍ରବାସୀ ବିଜ୍ଞାନ ଡିଏଭି ମହାବିଦ୍ୟାଳୟ ଫନୀ ପ୍ରଭାବରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହି ଅଞ୍ଚଳରେ ଶିକ୍ଷାର ଅନ୍ତୁଡ଼ିଶାଳ ପରିଚିତ ମହାବିଦ୍ୟାଳୟଟିର ସମସ୍ତ ଆଜବେଷ୍ଟସ୍ ବାତ୍ୟାରେ ଉଡ଼ିଯିବା ସହ ଶ୍ରେଣୀଗୃହଗୁଡ଼ିକ ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ସ୍କୁଲଗୃହ ଉପରେ ବଡ଼ ବଡ଼ ଗଛଗୁଡ଼ିକ ପଡିରହିଛି। ସମ୍ପ୍ରତି ଆରମ୍ଭ ହେବାକୁ ଥିବା ଜଗଜୀବନ ରାମ ଛାତ୍ରୀନିବାସର ସୁରକ୍ଷା ପାଚେରିଟି ଭୁଷୁଡି ପଡିଛି । ମୁଖ୍ୟ ପାଣି ଟାଙ୍କିରେ ମଧ୍ୟ ଫାଟ ସୃଷ୍ଟିହୋଇଛି । କଲେଜ ସୀମାସ୍ଥିତ ୧୫୦ଫୁଟ ସୁରକ୍ଷା ପାଚେରିଟି ମଧ୍ୟ ଭାଙ୍ଗି ଯାଇଛି। ନିର୍ମାଣାଧୀନ ସୁଇମିଂପୁଲଟି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସାଇକେଲ ଷ୍ଟାଣ୍ଡଟିର ଛପର ଉଡ଼ିଜିବା ସହିତ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଅଧ୍ୟକ୍ଷଙ୍କ କ୍ୱାର୍ଟର ଭାଙ୍ଗିଯାଇଛି। ଜରୁରିକାଳୀନ ସମୟରେ ବିଦ୍ୟୁତ୍ ଯୋଗାଉଥିବା ପାୱାର୍ ସିଷ୍ଟମ ଗୃହ ବାତ୍ୟାରେ ନଷ୍ଟ ହୋଇଯାଇଛି। କଲେଜରେ ଆଲୋକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗଛ ପଡ଼ି କଲେଜ ପରିସର ମଧ୍ୟରେ ଗମନାଗମନରେ ଘୋର ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଫନୀ ବାତ୍ୟାର ଦୀର୍ଘ ୧୪ ଦିନ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପରିସ୍ଥିତିରେ ଟିକେ ବି ସୁଧାର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇନି। ମାତ୍ର ଅଳ୍ପ ଦିନ ପରେ ପରୀକ୍ଷା ଅନୁଷ୍ଠିତ ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହୋଇଯିବ। ଏ ସମସ୍ତ ସମସ୍ୟା ନେଇ କଲେଜ ଅଧ୍ୟକ୍ଷ ଅଶୋକ କୁମାର ବଳବନ୍ତରାୟଙ୍କୁ ପଚାରିବାରୁ ସେ କହିଥିଲେ, ସମସ୍ୟା ଦୂର ନିମନ୍ତେ ଏ ସମସ୍ତ କରିବାକୁ ଏକ ଟିମ୍ ଗଠନ କରାଯାଇଛି। ପ୍ରଶାସନକୁ ଏ ସମ୍ବନ୍ଧରେ ଅବଗତ କରାଯାଇଛି ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ। ତେବେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

### ଗ୍ରୀଷ୍ମତାତିରେ ଜନଜୀବନ ଅସ୍ତବ୍ୟସ୍ତ

**ଖଣ୍ଡପଡା,୧୭।୫(ସ୍ୱ.ପ୍ର.)**

ଗ୍ରୀଷ୍ମତାତି ଯୋଗୁ ଖଣ୍ଡପଡା ବ୍ଲକ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରି କି ସକାଳ ୮ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଏପରି ସମୟରେ ବାରମ୍ବାର ବିଦ୍ୟୁତ୍ କାଟ ହେବା ଫଳରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଖରା ଜାରି ରହିଥିବାରୁ ଜଳଉତ୍ସ ଶୁଖିବାକୁ ବସିଲାଣି। ଏଥିଯୋଗୁ ବ୍ଲକ ଅନ୍ତର୍ଗତ କଣ୍ଟିଲୋ, ଗୋପୀନାଥପୁର, ପଥରଚକଡା, ବଳରାମ ପ୍ରସାଦ, ବେଣାଗାଡିଆ, ଢୋଲମରା, କୁମ୍ଭାରପଡା, କନ୍ଧମିରିଗି ଆଦି ଗ୍ରାମର ଗ୍ରାମବାସୀଙ୍କ ସହ ଗୃହପାଳିତ ପ୍ରାଣୀ ପାଣି ଟୋପେ ପାଇଁ ତହଳବିକଳ ହେଉଛନ୍ତି। ଝାଞ୍ଜି ପବନ ବହୁଥିବାରୁ ପୂର୍ବାହ୍ନ ୧୦ଟାଠାରୁ ଦୋକାନବଜାର ବନ୍ଦ ହୋଇଯାଉଛି। ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ଏବେ ବି ଗାଁ ଗଣ୍ଡାରେ ଜଳଛତ୍ର ଖୋଲାଯାଇ ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

**ଖଣ୍ଡପଡା,୧୭।୫(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ କୋସକାର ବୁଦ୍ଧିବାବନ ମହାନ୍ତିଙ୍କ ପରିବାର ପକ୍ଷରୁ ବାତ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ବୁଦ୍ଧିବାବନଙ୍କ ପୁଅ ରଞ୍ଜିତଙ୍କ ବିବାହ ଉତ୍ସବରେ ଅତିଥିମାନେ ଅର୍ଥ ଓ ଉପହାର ପ୍ରଦାନ କରିଥିଲେ। ଏହି ଅର୍ଥରାଶିକୁ ସେ ଷ୍ଟେଟ୍ ବ୍ୟାଙ୍କ ଖଣ୍ଡପଡା ଶାଖା ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବୁଧବାର ପ୍ରଦାନ କରିଛନ୍ତି।

■ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ୯ଦଫା ଦାବି

# ସିପିଆଇଏମ୍ ପକ୍ଷରୁ ଧାରଣା

**ନିରାକାରପୁର,୧୭।୫(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫନୀ କ୍ଷତିଗ୍ରସ୍ତଙ୍କ ୯ ଦଫା ଦାବି ପୂରଣ ନେଇ ଶୁକ୍ରବାର ସିପିଆଇଏମ୍ ତରଫରୁ ଧାରଣା ଦିଆଯାଇଥିଲା। ଫନୀ ଯୋଗୁ ଲୋକଙ୍କ ଘରଦ୍ୱାର, ସ୍କୁଲ୍, ରାସ୍ତାଘାଟ ଓ ଫସଲର ଅନେକ କ୍ଷୟକ୍ଷତି ଘଟିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ତେଣୁ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ନିମନ୍ତେ ଟାଙ୍ଗୀ ବ୍ଲକ ସିପିଆଇଏମ୍ ସମ୍ପାଦକ ଗିରିଶ ଚନ୍ଦ୍ର ମହାରଣା, ଜିଲା କମିଟି ସଭ୍ୟ ବିଧୁଭୂଷଣ ମହାରଣାଙ୍କ ନେତୃତ୍ୱରେ ଏକ ରାଲି ଆୟୋଜିତ ହୋଇଥିଲା। କ୍ଷତିଗ୍ରସ୍ତ ମହିଳା ଓ ପୁରୁଷମାନେ ପୂର୍ବାହ୍ନ ୧୦ ଟାରେ



ସିପିଆଇଏମ୍ ପକ୍ଷରୁ ୯ ଦଫା ଦାବି ନେଇ ଆନ୍ଦୋଳନ।

ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିଥିଲେ। କମ୍ୟୁନିଷ୍ଟ ନେତା ଚରଣ ଦଳେଇଙ୍କ ନେତୃତ୍ୱରେ ଏଠାରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲ। ତେବେ ମଧ୍ୟାହ୍ନ ୧୨ ଟା ବେଳେ ଟାଙ୍ଗୀ ତହସିଲଦାର ସୁନାଶିର କିଷାନ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେବା ସହ ରାଜସ୍ୱ ନିରୀକ୍ଷକ ଅଶ୍ୱିନୀ କୁମାର ଚୌଧୁରୀଙ୍କୁ କ୍ଷୟକ୍ଷତି ଆଦିର ତଦନ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ଆନ୍ଦୋଳନକାରୀ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

■ ଫାର୍ମ ହାଉସ୍ ମଧ୍ୟରୁ ଜଗୁଆଳିଙ୍କ ମୃତଦେହ ଉଦ୍ଧାର ଘଟଣା

# ଅପମୃତ୍ୟୁ ମାମଲା ରୁଜୁ

**ଦଶପଲ୍ଲା,୧୭।୫ (ଡି.ଏନ.ଏ.)**

ଦଶପଲ୍ଲା ଥାନା ଘୁଗୁଡିପଡା ପଞ୍ଚାୟତ କାଚପଲ୍ଲୀ ନିକଟସ୍ଥ ଏକ ଫାର୍ମ ହାଉସରୁ ଗତ ୧୫ ତାରିଖରେ ଜଗୁଆଳି ବିକ୍ରମ ଗୌଡଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ସେ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ପୋଲିସ ନିକଟରେ ପ୍ରକାଶ କରିଥିବା ବେଳେ ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଖୋର୍ଦ୍ଧା ପୁରୁସାହି ସ୍ଥିତ ଲକ୍ଷ୍ମୀଧର ବେହେରାଙ୍କ ଏହି ଫାର୍ମ ହାଉସରେ ବିକ୍ରମ ଏବଂ ତାଙ୍କ ସ୍ତ୍ରୀ ଦୁଇ ପିଲାଙ୍କୁ ଧରି ଦୀର୍ଘ ବର୍ଷ ହେଲା ରହିଆସୁଥିବା ବେଳେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡା ଲାଗୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଗତ ଶନିବାର ରାତିରେ ବିକ୍ରମଙ୍କ ମୃତଦେହ ପଡିଥିବାର ଶହେ ମିଟର ଦୂରରେ ପ୍ରାୟ ୭/୮ ଜଣ ମିଶି ଭୋଜିଭାତ କରିଥିଲେ। ସେହିଦିନ ଠାରୁ ବିକ୍ରମ ହିଁ ନିଖୋଜ ଥିଲେ। ତାଙ୍କ ସ୍ତ୍ରୀଙ୍କ କହିବା ଅନୁଯାୟୀ ବିକ୍ରମ ଘରୁ ପଳାଇ ଯାଇଥିଲେ। ପରଦିନ ଦେଖିବା ବେଳକୁ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିଲା। ତାଙ୍କ ବେକରୁ ଦଉଡି ଖୋଲି ଦେଇ ମୃତଦେହକୁ ଛାଡି ଭୟରେ ସେ ପଳାଇ ଯାଇଥିବା ପୋଲିସ କହିଛି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**ରଣପୁର,୧୭।୫ (ସ୍ୱ.ପ୍ର.)**

ବାତ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ଲାଗି ରଣପୁର ଶିକ୍ଷା ବ୍ଲକ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୭୦ ହଜାର ଟଙ୍କା ଦାନ କରଯାଇଛି। ରଣପୁର ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ରନାଥ ସାହୁଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନାକର ପାଣି, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତିରଞ୍ଜନ ଦାଶ, ରଣପୁର ମଧ୍ୟଇଂରାଜୀ ଶିକ୍ଷକସଂଘ ସଭାପତି ଅଶୋକ କୁମାର ଦାଶ, ସିଆରସିସି ରମାକାନ୍ତ ସାହୁ, ଅଶୋକ ସାମନ୍ତରାୟ, କୁଳମଣି ପ୍ରଧାନ ପ୍ରମୁଖ ନୟାଗଡ଼ ଜିଲାପାଳ ଡ. ଏନ୍. ତିରୁମାଲା ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଅର୍ଥ ପ୍ରଦାନ କରିଥିଲେ।

## ଦେବାର କଳା ଏକ ମହତ୍ ଗୁଣ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଶିକ୍ଷଣ ସାମଗ୍ରୀ ଗ୍ରହଣ କରିଥିବା ପିଲାମାନେ।

**ଗଣିଆ, ୧୭।୫ (ଡି.ଏନ୍.ଏ.)**

ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ ପାଣ୍ଡରସିଂହା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର 'ଦେବାର କଳା ବା ଆର୍ଟ ଅଫ ଗିଭିଙ୍ଗ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ସରୋଜ କୁମାର ନାୟକ ମୁଖ୍ୟଅତିଥି, ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, କିଶୋର ପ୍ରସାଦ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା, ସମିତି ସଭ୍ୟ ସଦାଶିବ ମିଶ୍ର, ଆଡକଟା ପଞ୍ଚାୟତ ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହରିହର ରାଉତ କାର୍ଯ୍ୟକ୍ରମ ପରିଚଳାନା କରିଥିଲେ। ନୃତ୍ୟ, ଗୀତ, ସଙ୍ଗୀତ ଭଳି ଦେବାର କଳା ବା ଦାନ କରିବା ମଧ୍ୟ ଏକ କଳା। ଦେବାର କଳା ଏକ ମହତ ଗୁଣ। ଏହା ପ୍ରତିଟି ମଣିଷ ହୃଦୟରେ ରହିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱରସ୍ଥିତ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ୨୦୧୩ ମେ' ୧୭ ତାରିଖଠାରୁ ବିଶ୍ୱର ୧୨୦ଟି ଦେଶରେ ପାଳନ କରାଯାଉଥିବା ବ୍ଲକ ଅଧ୍ୟକ୍ଷ ସ୍ୱାଇଁ କହିଥିଲେ। ଶେଷରେ ମାତାପିତା ଓ ଗୁରୁଜନଙ୍କୁ ଭକ୍ତି କରିବା ଓ ସଂସ୍କାରିତ ହେବା ନେଇ ଅତିଥିମାନେ ପିଲାମାନଙ୍କୁ ଉପଦେଶ ଦେବା ସହିତ ଶିକ୍ଷଣ ସାମଗ୍ରୀ ବଣ୍ଟନ କରିଥିଲେ।

# ପ୍ରଜା ଦଖଲରେ ରାଜାରାଜୁଡ଼ା ଅମଳର ବନ୍ଧ

**ଖଣ୍ଡପଡ଼ା,୧୭।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ରାଜାରାଜୁଡା ଅମଳରୁ ଖୋଳା ଯାଇଥିବା ବନ୍ଧ (ପୋଖରୀ) ପ୍ରଜା ଦଖଲରେ ଥିବାରୁ ସେସବୁର ଉନ୍ନତୀକରଣ ହୋଇପାରୁ ନାହିଁ। ଫଳସ୍ୱରୂପ ଉକ୍ତ ଜଳାଶୟଗୁଡିକ ଶୁଷ୍କ ହେବାକୁ ବସିଲାଣି। ଏଥିଯୋଗୁ ଗ୍ରାମାଞ୍ଚଳ ଲୋକେ ପାଣି ପାଇଁ ତହଳବିକଳ ହେଉଥିବା ବେଳେ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଛି। ଏପରି କି ସ୍ନାନ ପାଇଁ ଗୋଟିଏ ପୋଖରୀ ଉପରେ ଗୋରୁ ଓ ମଣିଷଙ୍କୁ ନିର୍ଭର କରିବାକୁ ପଡୁଛି।

ଖଣ୍ଡପଡ଼ା ବ୍ଲକ ବାଣପୁର ପଞ୍ଚାୟତର ୧୯ନଂ. ୱାର୍ଡ ଚୈତନ୍ୟପୁର ମୌଜା ଗହୀରରେ ୩ଶହ ଏକରରୁ ଉର୍ଦ୍ଧ୍ୱ ଚାଷଜମି ରହିଛି । ଏହି ଜମିଗୁଡ଼ିକୁ ଆବଶ୍ୟକ ପାଣି ଯୋଗାଇବା ପାଇଁ କୌଣସି ସୁବିଧା ନ ଥିବାରୁ ଚାଷୀମାନେ କେବଳ ବର୍ଷା ଉପରେ ନିର୍ଭର କରି ଖରିଫ ଧାନ ଫସଲ କରିଥାନ୍ତି । ବର୍ଷର ଅନ୍ୟ ସମୟରେ ଜମି ପଡିଆ ପଡିଥାଏ । ରବି ଋତୁରେ ରବି ଫସଲ, ପନିପରିବା ଓ ଅଧିକ ଅମଳକ୍ଷମ ଧାନଚାଷ କରାଯାଇଥାଏ । କୃଷକମାନଙ୍କ ଅର୍ଥନୈତିକ ଅବସ୍ଥା ସୁଧାରିବା ପାଇଁ



ମାଟିଆବନ୍ଧ ପୋଖରୀରେ ବଳଦ ସହ ଲୋକମାନେ ଗାଧୋଉଛନ୍ତି।

■ପାଣି ପାଇଁ ଲୋକେ ତହଳବିକଳ
■ଗୋରୁ ମଣିଷ ଗୋଟିଏ ପୋଖରୀରେ

୧୯୩୦ ମସିହା ପୂର୍ବରୁ ତତ୍କାଳୀନ ଖଣ୍ଡପଡ଼ା ରାଜୁଡା ଶାସନ ଅମଳରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସେତେବେଳେ ଅଞ୍ଚଳର ପ୍ରଜାମାନଙ୍କୁ ବେଠିରେ ଖଟାଯାଇ ଚୈତନ୍ୟପୁର ମୌଜା ଗହୀରରେ ୨ ଏକର ୪ ଡେସିମିଲ ପରିମିତ କନିଅର ବନ୍ଧ, ୨ ଏକର ପରିମିତ ମାଟିଆବନ୍ଧ ଓ ୪ ଏକର ୩୦ ଡେସିମିଲ ପରିମିତ ବଡ଼ବନ୍ଧ ଖନନ କରାଯାଇଥିଲା। ଏହି ବନ୍ଧଗୁଡିକରେ ଅଞ୍ଚଳର ଜନସାଧାରଣଙ୍କ ସହ ଗୋରୁ ମଧ୍ୟ ଗାଧୋଉଥିଲେ । ଏହାଛଡା ଆବଶ୍ୟକ ସମୟରେ ଏହି ବନ୍ଧର ଚୁଡାକାଟି ଜମିକୁ ପାଣି ମଡାଯାଉଥିଲା। ଫଳରେ ବର୍ଷା ଅଭାବରେ ଏହି ବନ୍ଧ ପାଣିକୁ ବ୍ୟବହାର କରାଯାଇ ଜମିରୁ ଫସଲ ଉତ୍ପାଦନ ହୋଇପାରୁଥିଲା । କାଳକ୍ରମେ ୨ଟି ବନ୍ଧକୁ ବାଣପୁର ପଞ୍ଚାୟତ ନିଜ ଅଧୀନକୁ ଆଣି ମାଛ ଚାଷ ଉଦ୍ଦେଶ୍ୟରେ ପ୍ରତିବର୍ଷ ନିଲାମ ଦିଆଯାଉଥିଲା। ହେଲେ ଗତ ବର୍ଷଠାରୁ ଏହି ବନ୍ଧଗୁଡିକରେ ପାଣି ନ ଥିବାରୁ ପଞ୍ଚାୟତ ପକ୍ଷରୁ ନିଲାମ କରାଯାଇନାହିଁ ବୋଲି ସରପଞ୍ଚ ପ୍ରଦୀପ କୁମାର କର ସୂଚନା ଦେଇଥିଲେ । ଅନ୍ୟ ଏକ ବନ୍ଧକୁ କେତେକ ବ୍ୟକ୍ତି ଦଖଲ କରି ଚାଷଜମିରେ ପରିଣତ କଲେଣି। ଜଳ ଅଭାବ ଯୋଗୁ ଲୋକେ ବାଧହୋଇ ଅଳ୍ପ ପାଣି ଥିବା ମାଟିଆବନ୍ଧ ଉପରେ ସ୍ନାନ ଶୌଚାଦି ପାଇଁ ନିର୍ଭର କରୁଛନ୍ତି। ଆଖପାଖରେ ଅନ୍ୟ ଜଳାଶୟ ନ ଥିବାରୁ ଗାଈ, ବଳଦ, ମଇଁଷି ଆଦି ଗୃହପାଳିତ ପ୍ରାଣୀ ମଧ୍ୟ ଉକ୍ତ ପୋଖରୀରେ ଗାଧୋଉଥିବା ପରିଲକ୍ଷିତ ହେଉଛି । ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ଦୁଇ ପୋଖରୀର ରକ୍ଷଣାବେକ୍ଷଣ ସହ ପାଣି ପାଇଁ ପ୍ରଶାସନ ପକ୍ଷରୁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ଆମେ ଓ ଆମର ଗୃହପାଳିତ ପ୍ରାଣୀ ଉକ୍ତ ପ୍ରଦୂଷିତ ପୋଖରୀରେ ସ୍ନାନ ଶୌଚାଦି ସାରୁଛୁ ବୋଲି ଗ୍ରାମର କେଶବ ନାୟକ, ଚନ୍ଦ୍ରମଣି ନାୟକ, କୀର୍ତ୍ତନ ସ୍ୱାଇଁ, ବସନ୍ତ ନାୟକ, ମଧୁସୂଦନ ସ୍ୱାଇଁ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ପ୍ରକାଶ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବୁ ବୋଲି ସେମାନେ ସୂଚନା ଦେଇଛନ୍ତି । ଅପରପକ୍ଷେ ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ଲକ୍ଷ୍ୟରେ ୨୦୧୮ ଜୁନ ୩୦ ତାରିଖରେ ୩୦ ଲକ୍ଷ ଟଙ୍କା ବ୍ୟୟବରାଦରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତେବେ ଦୀର୍ଘ ଏକବର୍ଷ ଅତିବାହିତ ହୋଇଯାଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ସମ୍ପ୍ରତି ଗ୍ରୀଷ୍ମପ୍ରବାହ ସମୟରେ ଲୋକେ ପାଣି ମୁନ୍ଦେ ପାଇଁ ତହଳବିକଳ ହେଉଛନ୍ତି। ଏ ସମ୍ପର୍କରେ ବାଣପୁର ସରପଞ୍ଚ କର କହନ୍ତି, ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଏହା ପଞ୍ଚାୟତକୁ ହସ୍ତାନ୍ତର କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରକଳ୍ପ ହସ୍ତାନ୍ତର ହେବା ପରେ ଆମେ ଅଞ୍ଚଳବାସୀଙ୍କୁ ପାଣି ଯୋଗାଇବା ବ୍ୟବସ୍ଥା କରିବୁ।